ରବିବାର

ସକାଳ
THE SAKALA

୧୮-୨୪ ଜାନୁଆରୀ, ୨୦୨୬

ସିନ୍ଦୁରା

- ସୋସିଆଲ୍ ମିଡିଆ
- ସକାରାତ୍ମକ ଓ ନକାରାତ୍ମକ ଦିଗ
- ବିଦ୍ୟାର୍ଥୀ ଓ ସାମାଜିକ ଗଣମାଧ୍ୟମ
- ନାରୀ ପାଇଁ ସୁଯୋଗ ଓ ଆହ୍ୱାନ
- ସୋସିଆଲ୍ ମିଡିଆ ଓ ଆଇନ୍

ସୋସିଆଲ୍ ମିଡିଆ

ଦେଇଛି କେତେ, ନେଇଛି କେତେ

ବର୍ତ୍ତମାନ 'ସୋସିଆଲ୍ ମିଡିଆ' ବା 'ସାମାଜିକ ଗଣମାଧ୍ୟମ'ର ବେଶ୍ ଚାହିଦା ରହିଛି । ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍, ହ୍ୱାଟ୍‌ସଆପ୍ ଆଦି ପ୍ଲାଟ୍‌ଫର୍ମ ଆମ ଜୀବନର ଏକ ଅଂଶ ବିଶେଷ ପାଲଟି ଯାଇଛି । କେବଳ ବନ୍ଧୁମାନଙ୍କ ସହିତ ଯୋଡ଼ି ହେବା ନୁହେଁ, ବରଂ ଖବର ଜାଣିବା, ନୂଆ ନୂଆ କୌଶଳ ଶିଖିବା, ବ୍ୟବସାୟ ବୃଦ୍ଧି କରିବା, ମନୋରଞ୍ଜନ ଆଦି ପାଇଁ ସୋସିଆଲ୍ ମିଡିଆ ପ୍ରମୁଖ ମାଧ୍ୟମ ପାଲଟିଛି । ସୋସିଆଲ୍ ମିଡିଆର ୱେବ୍‌ସାଇଟ୍ ଓ ଆପ୍ ଜରିଆରେ ଲୋକେ ପରସ୍ପର ସହିତ ଯୋଡ଼ି ହେବା, କଥାବାର୍ତ୍ତା କରିବା ସହିତ ନିଜ ନିଜ ବିଚାରଧାରାକୁ ସେୟାର୍ କରୁଛନ୍ତି । ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ଜୀବନରେ ଏହା ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଏହାରି ମାଧ୍ୟମରେ ସୂଚନା ଦେବା ଓ ସମ୍ବାଦ ପ୍ରସାରଣ କରିବା ବେଶ୍ ସୁବିଧାଜନକ । ଅନେକ ବଡ଼ ବଡ଼ କମ୍ପାନୀ ଓ ବ୍ୟବସାୟୀ ସାରା ଦୁନିଆରେ ଅତି ସହଜ ଓ ସୁବିଧାରେ ନିଜ ଉତ୍ପାଦକୁ ଗ୍ରାହକମାନଙ୍କ ପାଖରେ ପହଞ୍ଚାଇ ପାରୁଛନ୍ତି । ସେହିପରି ବହୁ ଲେଖକ, କଳାକାର, ସଂଗୀତ ଶିଳ୍ପୀ, ରାଜନେତା, ସମାଜସେବୀ ମଧ୍ୟ ସୋସିଆଲ୍ ମିଡିଆ ବ୍ୟବହାରରେ ଖୁବ୍ ଆଗରେ ରହିଛନ୍ତି । ଅନେକ ଲୋକଙ୍କୁ ରୋଜଗାରର ପନ୍ଥା ଦେଖାଇଛି ସାମାଜିକ ଗଣମାଧ୍ୟମ ।

ସୋସିଆଲ୍ ମିଡିଆ ବ୍ୟବହାର ଦ୍ୱାରା ଆଧୁନିକ ମଣିଷ ବେଶ୍ ଲାଭାନ୍ୱିତ ହେଉଛି । ତେବେ ଏହାର ଅପବ୍ୟବହାର ଅତ୍ୟନ୍ତ କ୍ଷତିକାରକ । ଅଧିକ ସମୟ ସୋସିଆଲ୍ ମିଡିଆ ବ୍ୟବହାର ଦ୍ୱାରା ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହୋଇଥାଏ । ମିଥ୍ୟା ଖବର ପ୍ରସାରଣ, ଭ୍ରମାତ୍ମକ ତଥ୍ୟ ପ୍ରଘଟ କରିବା, ବିଭ୍ରାନ୍ତିକର ଖବର ଜାଣିଶୁଣି ପ୍ରସାର କରିବା ସମାଜ ପାଇଁ ବିପଦଜନକ ହୋଇଥାଏ । ଏହି ପ୍ଲାଟଫର୍ମର ସକାରାତ୍ମକ ଓ ନକାରାତ୍ମକ ଉଭୟ ଦିଗ ରହିଛି । ତେଣୁ ଯଦି ବ୍ୟବହାରକାରୀମାନେ ଏହାର ସଦୁପଯୋଗ କରନ୍ତି, ତେବେ ଏହା ସମାଜ ପାଇଁ ମଙ୍ଗଳମୟ ହେବ । ଆଉ ଯଦି ଏହାର ଅପବ୍ୟବହାର କରାଯାଏ, ଏହା ମଣିଷ ସମାଜ ପାଇଁ ନିଶ୍ଚୟ କ୍ଷତିକାରକ । ଏହି ପରିପ୍ରେକ୍ଷୀରେ ସୋସିଆଲ୍ ମିଡିଆ କ'ଣ, ଏହାର ଉପକାରିତା ଓ ଅପକାରିତା ଆଦିକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ:

ସୋସିଆଲ୍ ମିଡିଆ : ଦେଇଛି କେତେ, ନେଇଛି କେତେ

ପ୍ରସ୍ତୁତି : 'ସକାଳ' ବ୍ୟୁରୋ

କେମିତି କଟିବ ସପ୍ତାହ

ମେଷ
ରବି, ସୋମ, ମଙ୍ଗଳବାରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । ନୂତନ ନିବେଶରୁ ନିବୃତ୍ତ ରୁହନ୍ତୁ । ବୁଧ, ଗୁରୁବାରରେ ଛାତ୍ରଛାତ୍ରୀମାନେ ଉପଯୁକ୍ତ ନିଷ୍ପତ୍ତି ନେବେ । ଶୁକ୍ର, ଶନିବାରରେ ନିବେଶ କରିବା ପୂର୍ବରୁ ଅଭିଜ୍ଞ ବ୍ୟକ୍ତିଙ୍କ ପରାମର୍ଶ ନେବା ଉଚିତ ।

ବୃଷ
ରବି, ସୋମ, ମଙ୍ଗଳବାରରେ ବନ୍ଧୁବାନ୍ଧବଙ୍କ ପାଇଁ ଅଧିକ ଖର୍ଚ୍ଚାନ୍ତରେ ପଡ଼ିପାରନ୍ତି । ମହିଳାମାନେ ଆତ୍ମବିଶ୍ୱାସ ହରାଇ ବସିବେ । ବୁଧ, ଗୁରୁବାରରେ ଦାମ୍ପତ୍ୟ ଜୀବନରେ ଦୁଃଖୀ ରହିବେ । ଶୁକ୍ର, ଶନିବାରରେ ଧୈର୍ଯ୍ୟର ସହ କାର୍ଯ୍ୟ କରିବେ । ମାନସିକ ଶାନ୍ତି ଫେରି ପାଇବେ ।

ମିଥୁନ
ରବି, ସୋମ, ମଙ୍ଗଳବାରରେ ପରିବାରରେ ଦ୍ୱନ୍ଦ୍ୱ ଦେଖାଦେଇପାରେ । କର୍ମକ୍ଷେତ୍ରରେ ପ୍ରଶଂସାର ପାତ୍ର ହେବେ । ବୁଧ, ଗୁରୁବାରରେ ପୁରୁଣା କଥାକୁ ନେଇ ଚିନ୍ତିତ ରହିବେ । ଶୁକ୍ର, ଶନିବାରରେ ନୂତନ ନିଯୁକ୍ତିର ସୁଯୋଗ ରହିଛି । ସାଙ୍ଗସାଥୀଙ୍କ ସହ ମିଳାମିଶା ବଢ଼ିବ ।

କର୍କଟ
ରବି, ସୋମ, ମଙ୍ଗଳବାରରେ ନୂତନ ଚିନ୍ତା ଏବଂ ସକାରାତ୍ମକ ଚିନ୍ତାଧାରା ରଖି କାର୍ଯ୍ୟ କରିବେ । ବୁଧ, ଗୁରୁବାରରେ ପରିବାରବର୍ଗଙ୍କ ସହଯୋଗ ପାଇ ଚିନ୍ତାରୁ ମୁକ୍ତି ପାଇବେ । ଶୁକ୍ର, ଶନିବାରରେ ବ୍ୟବସାୟରେ ବିଶେଷ ଲାଭ ରହିବ ନାହିଁ । ବ୍ୟସ୍ତତା ମଧ୍ୟରେ ସପ୍ତାହଟି କଟିବ ।

ସିଂହ
ରବି, ସୋମ, ମଙ୍ଗଳବାରରେ କୌଣସି କଥାକୁ ନେଇ ଚିନ୍ତାରେ ପଡ଼ିଯିବେ । ଉଚ୍ଚଅଧିକାରୀଙ୍କଠାରୁ ସହଯୋଗ ମିଳିପାରେ । ବୁଧ, ଗୁରୁବାରରେ ଆଶା ନିରାଶାରେ ପରିଣତ ହୋଇପାରେ । ଶୁକ୍ର, ଶନିବାରରେ ସନ୍ତାନସନ୍ତତିଙ୍କ କ୍ୟାରିୟରରେ ଉନ୍ନତି ହେବ । ବ୍ୟବସାୟ ପ୍ରସାରିତ ହେବ ।

କନ୍ୟା
ରବି, ସୋମ, ମଙ୍ଗଳବାରରେ ପୈତୃକ ସମ୍ପତ୍ତିରେ ଭାଗୀଦାରି ହାସଲ କରିପାରନ୍ତି । ଦୂରସ୍ଥାନକୁ ଭ୍ରମଣଯୋଗ ରହିଛି । ବୁଧ, ଗୁରୁବାରରେ ଆପଣଙ୍କ ବ୍ୟବହାରରେ ଅନ୍ୟମାନେ ପ୍ରସନ୍ନ ରହିବେ । ଶୁକ୍ର, ଶନିବାରରେ ନୂତନ ଆୟ ପଥ ଉନ୍ମୁକ୍ତ ହେବ ।

ତୁଳା
ରବି, ସୋମ, ମଙ୍ଗଳବାରରେ ଗୁରୁଜନଙ୍କ ପରାମର୍ଶରେ କାର୍ଯ୍ୟ କରନ୍ତୁ । ବ୍ୟବସାୟରେ ଉନ୍ନତି ଦେଖାଦେବ । ବୁଧ, ଗୁରୁବାରରେ ନୂତନ ନିଯୁକ୍ତିର ସୁଯୋଗ ରହିଛି । ଶୁକ୍ର, ଶନିବାରରେ ସନ୍ତାନସନ୍ତତିଙ୍କୁ ନେଇ ଚିନ୍ତିତ ରହିବେ । ଆୟ ତୁଳନାରେ ବ୍ୟୟ ଅଧିକ ରହିବ ।

ବିଛା
ରବି, ସୋମ, ମଙ୍ଗଳବାରରେ ଜୀବନରେ ପରିବର୍ତ୍ତନ ଦେଖାଦେବ । କୌଣସି କଥାକୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଯାଇପାରନ୍ତି । ବୁଧ, ଗୁରୁବାରରେ ବାଧାବିଘ୍ନ ଦୂରେଇ ଯିବ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ଅଧିକ ପରିଶ୍ରମୀ ହେବେ । ପରିବାରବର୍ଗଙ୍କ ସହଯୋଗ ପାଇବେ ।

ଧନୁ
ରବି, ସୋମ, ମଙ୍ଗଳବାରରେ ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟକୁ ପୂର୍ଣ୍ଣ କରିବେ । କର୍ମକ୍ଷେତ୍ରରେ ପଦୋନ୍ନତିର ଯୋଗ ରହିଛି । ବୁଧ, ଗୁରୁବାରରେ ଆୟର ନୂତନ ପଥ ଉନ୍ମୁକ୍ତ ହେବ । ଶୁକ୍ର, ଶନିବାର ମାନସମ୍ମାନର ଅଧିକାରୀ ହେବେ । ବ୍ୟବସାୟରେ ଲାଭବାନ ହେବେ ।

ମକର
ରବି, ସୋମ, ମଙ୍ଗଳବାରରେ ପରିବାର ସଦସ୍ୟଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ । ନୂତନ ନିବେଶରୁ ଲାଭବାନ ହୋଇପାରନ୍ତି । ବୁଧ, ଗୁରୁବାରରେ ପରିଶ୍ରମ ମୁତାବକ ଫଳ ପାଇବେ । ଶୁକ୍ର, ଶନିବାରରେ ସମାଜରେ ପ୍ରତିଷ୍ଠିତ ହେବେ । ଭାଇଭଉଣୀଙ୍କ ସହଯୋଗ ମିଳିବ ।

କୁମ୍ଭ
ରବି, ସୋମ, ମଙ୍ଗଳବାରରେ ପାରିବାରିକ ଦାୟିତ୍ୱକୁ ସୁଚାରୁ ରୂପରେ ତୁଲାଇବେ । ବୁଧ, ଗୁରୁବାରରେ ନୂତନ ଶୈଳୀରେ କାର୍ଯ୍ୟ କରିବେ । ଶୁକ୍ର, ଶନିବାରରେ ମହିଳାମାନେ କୌଣସି ଦୁର୍ଘଟଣାରେ ସମ୍ମୁଖୀନ ହୋଇପାରନ୍ତି । ଲୋକ ଚିହ୍ନିବାର ମଉକା ପାଇବେ ।

ମୀନ
ରବି, ସୋମ, ମଙ୍ଗଳବାରରେ ଆଧ୍ୟାତ୍ମିକ ଚିନ୍ତାରେ ସମୟ କଟିବ । ଆୟ ତୁଳନାରେ ବ୍ୟୟ ବଢ଼ିବ । ବୁଧ, ଗୁରୁବାରରେ ସମାଜିକ କାର୍ଯ୍ୟରେ ବ୍ୟସ୍ତ ରହିବେ । ଶୁକ୍ର, ଶନିବାରରେ କର୍ମକ୍ଷେତ୍ରରେ ସଫଳତା ପାଇବେ । ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ପାଇବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

ସାମାଜିକ ଗଣମାଧ୍ୟମ

ଦେଇଛି କେତେ, ନେଇଛି କେତେ

ସଂପ୍ରତି 'ସୋସିଆଲ୍ ମିଡିଆ' ବା 'ସାମାଜିକ ଗଣମାଧ୍ୟମ' ଶବ୍ଦ ସହିତ ପ୍ରାୟ ସମସ୍ତେ ପରିଚିତ । ଯୁବକଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ଅଧିକାଂଶ ଲୋକ ସୋସିଆଲ୍ ମିଡିଆ ବ୍ୟବହାରକାରୀ । ସାମାଜିକ ଗଣମାଧ୍ୟମ ଆମର ବ୍ୟକ୍ତିଗତ, ସାମାଜିକ, ବୃତ୍ତିଗତ ଜୀବନ ସହିତ ଗଭୀର ଭାବେ ସମ୍ବନ୍ଧିତ । ଏହା ଦ୍ୱାରା ସମାଜ ନାନା ଭାବରେ ପ୍ରଭାବିତ । ଏଥିରେ ଆଧୁନିକ ମଣିଷ ଅନେକ କିଛି ପାଇଛି, ପୁଣି ଅନେକ କିଛି ହରାଇଛି । ଆଗକୁ ସାମାଜିକ ଗଣମାଧ୍ୟମ ପାଇଁ କେତେକ ଚାଲେଞ୍ଜ ମଧ୍ୟ ରହିଛି । ସାମାଜିକ ଗଣମାଧ୍ୟମର କିଛି କଥା ଓ ବ୍ୟଥାକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

ବର୍ତ୍ତମାନ ସାମାଜିକ ଗଣମାଧ୍ୟମର ବ୍ୟବହାର ଅପରିହାର୍ଯ୍ୟ ହୋଇପଡ଼ିଛି । ବିଭିନ୍ନ ଆପ୍, ସଫ୍ଟୱେର୍ ମାଧ୍ୟମରେ କମ୍ପ୍ୟୁଟର୍, ମୋବାଇଲ୍ ଫୋନ୍ ଆଦି ଡିଜିଟାଲ୍ ଉପକରଣର ଉପଯୋଗ କରି ଅନେକ ବ୍ୟକ୍ତି ସୋସିଆଲ୍ ମିଡିଆରେ ସକ୍ରିୟ ରହିଥାନ୍ତି । ପାଠ ପଢ଼ିବାଠାରୁ ଆରମ୍ଭ କରି ଚିତ୍ର ଅଙ୍କନ କରିବା, ଭିଡିଓ ତିଆରି କରିବା, ଅଭାସୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବା, ବ୍ୟବସାୟ କରିବା, ମେସେଜ୍, ଫଟୋ ପ୍ରେରଣ କରିବା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର କାମ ସୋସିଆଲ୍ ମିଡିଆ ଦ୍ୱାରା ସମ୍ଭବପର ହୋଇପାରୁଛି । ଆଧୁନିକ ଟେକ୍ନୋଲୋଜିର ଉପଯୋଗ କରି ଅନେକ କଷ୍ଟକର କାମକୁ ସହଜରେ ଓ ସୁବିଧାରେ କରାଯାଇପାରୁଛି । ଦିନକୁ ଦିନ ସୋସିଆଲ୍ ମିଡିଆ ବ୍ୟବହାରକାରୀଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ବିଶେଷ କରି ଇନ୍‌ଷ୍ଟାଗ୍ରାମ୍, ଫେସ୍‌ବୁକ୍, ହ୍ୱାଟ୍‌ସଆପ୍, ଟିକ୍‌ଟକ୍, ଏକ୍ସ, ଲିଙ୍କଡିନ୍,ୟୁଟ୍ୟୁବ୍, ସ୍ନାପ୍‌ଚାର୍ଟ ଆଦିର ଚାହିଦା ବୃଦ୍ଧି ପାଇବାରେ ଲାଗିଛି ।

ଭାରତୀୟ ସମାଜ ଉପରେ ସୋସିଆଲ୍ ମିଡିଆର ଗଭୀର ପ୍ରଭାବ ପଡ଼ିଛି । ତେଣୁ ସ୍ୱାଭାବିକ ଭାବେ କେହି ନା କେହି ଏହା ଦ୍ୱାରା ପ୍ରଭାବିତ ହେଉଛନ୍ତି । ତେବେ ସମାଜ ଉପରେ ଏହାର କେତେକ ସକାରାତ୍ମକ ପ୍ରଭାବ ପଡୁଛି । ସାମାଜିକ ଗଣମାଧ୍ୟମ ଆମକୁ ଅନେକ କିଛି ଦେଇଛି । ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ, ଯୋଗାଯୋଗ ଆଦି ବିଭିନ୍ନ କ୍ଷେତ୍ରର ବିକାଶରେ ଏହାର ପ୍ରମୁଖ ଭୂମିକା ରହିଛି । କରୋନା ମହାମାରୀ ସମୟରେ ଶିକ୍ଷା କ୍ଷେତ୍ର ବହୁ ଭାବରେ ପ୍ରଭାବିତ ହୋଇଥିଲା । ତେବେ ଶିକ୍ଷକ, ଶିକ୍ଷୟିତ୍ରୀ, ଅଧ୍ୟାପକମାନେ ଅନ୍‌ଲାଇନ୍ ମାଧ୍ୟମରେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ପ୍ରଦାନ କରି ବେଶ୍ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ବିଭିନ୍ନ ଉପକରଣର ବ୍ୟବହାର କରି ସାମାଜିକ ଗଣମାଧ୍ୟମରେ ସ୍କୁଲ, କଲେଜରେ ଶିକ୍ଷା ପ୍ରଦାନ କରାଯାଇଥାଏ । କେବଳ ଶିକ୍ଷା ଜଗତରେ ନୁହେଁ, ବରଂ ସମସାମୟିକ ମାମଲା, ରାଜନୀତି, ପରିବେଶ ସହିତ ବିଭିନ୍ନ ଅତ୍ୟାବଶ୍ୟକ ସୂଚନା ପ୍ରଦାନ ଓ ସଚେତନତା ସୃଷ୍ଟି କରିବା ପାଇଁ ସାମାଜିକ ଗଣମାଧ୍ୟମର ଉପଯୋଗ କରାଯାଉଛି । ଏହାରି ଫଳରେ ଆମର ଅନେକ ଉପକାର ହେଉଛି ।

ବର୍ତ୍ତମାନ ଦୂରରେ ରହୁଥିବା ପରିବାର, ବନ୍ଧୁ, ସଂପର୍କୀୟଙ୍କୁ ଯୋଡ଼ିବାରେ ସାମାଜିକ ଗଣମାଧ୍ୟମର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି । ଲୋକମାନେ ଇଣ୍ଟରନେଟ୍ ସଂଯୋଗ ମାଧ୍ୟମରେ ଯେ କୌଣସି ସମୟରେ ନିଜ ପାଖରେ ଉପଲବ୍ଧ ଡିଜିଟାଲ୍ ଡିଭାଇସ୍‌ର ଉପଯୋଗ କରି

ନିଜର ଆତ୍ମୀୟ ସ୍ୱଜନଙ୍କ ସହିତ ତୁରନ୍ତ ଯୋଡ଼ି ହୋଇପାରୁଛନ୍ତି । ସେହିପରି ଯେ କୌଣସି ବ୍ୟକ୍ତିଙ୍କ ସହିତ ଯୋଡ଼ି ହେବା ପାଇଁ ଭିଡିଓ କଲିଂ ଅନ୍ୟତମ ମାଧ୍ୟମ ପାଲଟି ଯାଇଛି । କରୋନା ପରବର୍ତ୍ତୀ ସମୟରେ ସୋସିଆଲ୍ ମିଡିଆ ବହୁ ଲୋକଙ୍କ ପାଇଁ ରୋଜଗାରର ପଥ ପରିଷ୍କାର କରି ଦେଇଛି । ଘରେ ବସି ଶିକ୍ଷିତ ଯୁବକ,ଯୁବତୀଙ୍କଠାରୁ ଆରମ୍ଭ କରି ଗୃହିଣୀମାନେ ମଧ୍ୟ ଫେସ୍‌ବୁକ୍, ୟୁଟ୍ୟୁବ୍ ମାଧ୍ୟମରେ ଭଲ ଦୁଇ ପଇସା ରୋଜଗାର କରି ପାରୁଛନ୍ତି । ତେଣୁ ପ୍ରତ୍ୟକ୍ଷ ଭାବେ ସୋସିଆଲ୍ ମିଡିଆ ଆମକୁ ରୋଜଗାରର ପନ୍ଥା ଦେଇଛି । ସେହିପରି ବ୍ୟବସାୟୀମାନଙ୍କ ପାଇଁ ମାର୍କେଟିଂ, ଉତ୍ପାଦର ପ୍ରଚାର, ଗ୍ରାହକ ସେବା ଓ ଗ୍ରାହକଙ୍କ ସହିତ ଯୋଡ଼ି ହେବା ପାଇଁ ସୋସିଆଲ୍ ମିଡିଆ ବର୍ତ୍ତମାନ ସବୁଠାରୁ ଉତ୍ତମ ମାଧ୍ୟମ ।

ପ୍ରତ୍ୟେକ ବସ୍ତୁର ଦୁଇଟି ପାର୍ଶ୍ୱ ଥାଏ । ଠିକ୍ ସେହିପରି ସାମାଜିକ ଗଣମାଧ୍ୟମର ଉଭୟ ସକାରାତ୍ମକ ଓ ନକାରାତ୍ମକ ଦିଗ ମଧ୍ୟ ରହିଛି । ଆମେ ଏହା ଦ୍ୱାରା ଅନେକ କିଛି ନୂଆ କଥା ଜାଣିବାକୁ ପାଉଛୁ, ଶିଖିବାକୁ ପାଉଛୁ । ଆମ ଦୈନନ୍ଦିନ ଜୀବନରେ ଏକ ଅବିଚ୍ଛେଦ୍ୟ ଅଂଶ ପାଲଟି ଯାଇଛି ସୋସିଆଲ୍ ମିଡିଆ । ତେବେ ଏହାର ଅପବ୍ୟବହାର ଯେ କୌଣସି ବ୍ୟକ୍ତି ଓ ସମାଜ ପାଇଁ କ୍ଷତିକାରକ । ବର୍ତ୍ତମାନ ଆଲୋଚନା କରିବା ସାମାଜିକ ଗଣମାଧ୍ୟମର ଅପବ୍ୟବହାରର କୁପରିଣତି ସଂପର୍କରେ । ସୋସିଆଲ୍ ମିଡିଆର ଅତ୍ୟଧିକ ଅପବ୍ୟବହାରର ନକାରାତ୍ମକ ପ୍ରଭାବ ସମାଜ ଓ ବ୍ୟକ୍ତି ବିଶେଷ ଉପରେ ପଡ଼ିଥାଏ । ଫଳରେ ଏହା ଦ୍ୱାରା ଆମେ ଅନେକ କିଛି ହରାଇଛୁ ।

ସୋସିଆଲ୍ ମିଡିଆରେ ମିଛ ଖବର ଓ ଭୁଲ୍ ସୂଚନା ପ୍ରସାରଣ କରିବା ଏବେ ସାଧାରଣ କଥା ହୋଇ ଯାଇଛି । ଫଳରେ ଏହାର କୁପ୍ରଭାବ ପଡୁଛି ସମାଜ ଉପରେ । ଜନସାଧାରଣ ପ୍ରକୃତ ସତ୍ୟ ଖବର ଜାଣିବାରୁ ବଞ୍ଚିତ ହେଉଛନ୍ତି । ମିଥ୍ୟା ଖବର ଭ୍ରଷ୍ଟାଚାର, ରାଷ୍ଟ୍ର ବିରୋଧୀ, ସମାଜ ବିରୋଧୀ ଅଭିଯାନର ପରିଣାମ । ସୋସିଆଲ୍ ମିଡିଆରେ ମିଛ ଖବରଗୁଡ଼ିକ ଜଙ୍ଗଲରେ ନିଆଁ ଲାଗିବା ଭଳି ବ୍ୟାପୀ ଚାଲିଛି । ଫଳରେ ସାମାଜିକ ସଦ୍‌ଭାବ, ଭାଇଚାରର ସଂପର୍କ ବିଗିଡ଼ିବା ସହିତ ରାଷ୍ଟ୍ରୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି । ସେହିପରି ସାମାଜିକ ଗଣମାଧ୍ୟମକୁ ଆଧାର କରି ଅନେକ ଖଳପ୍ରକୃତିର ବ୍ୟକ୍ତି ଅଶ୍ଳୀଳ ଭିଡିଓ ଏବଂ ଫଟୋ ପ୍ରେରଣ କରି ସାମାଜିକ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ସେଭଳି ବିଭିନ୍ନ ଧର୍ମ, ସଂପ୍ରଦାୟ ବିରୋଧରେ ଅରୁଚିକର ମନ୍ତବ୍ୟ ଦେଇ ସାଂପ୍ରଦାୟିକ ସଦ୍‌ଭାବନାରେ ବିଭେଦ ସୃଷ୍ଟି କରୁଛନ୍ତି ।

ସେଭଳି ଶକ୍ତିଶାଳୀ ବ୍ୟକ୍ତି, ବଡ଼ ବଡ଼ କମ୍ପାନୀ ଓ ସଂସ୍ଥାଗୁଡ଼ିକ ନିଜ ନିଜ ସ୍ୱାର୍ଥ ହାସଲ ପାଇଁ ସୋସିଆଲ୍ ମିଡିଆର ଉପଯୋଗ କରୁଛନ୍ତି । ବିଭିନ୍ନ ରାଜନୈତିକ ଦଳ ନିମନ୍ତେ ପ୍ରଚାରର ମାଧ୍ୟମ ପାଲଟିଛି ସାମାଜିକ ଗଣମାଧ୍ୟମ । ସାଧାରଣ ଜନତା ଓ ବିଶେଷ କରି ମତଦାତାଙ୍କ ବିଚାରଧାରାକୁ ପ୍ରଭାବିତ କରିବା ପାଇଁ କେତେ କାହାଣୀ ଗଢ଼ି ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ସୋସିଆଲ୍ ମିଡିଆକୁ ଉପଯୋଗ କରୁଛନ୍ତି । ଏଭଳି ଉଦ୍ଦେଶ୍ୟମୂଳକ, ହୀନ କାର୍ଯ୍ୟକଳାପ ଯୋଗୁଁ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତି ବିପଦ ଘନେଇ ଆସୁଛି । ସେଭଳି ସୋସିଆଲ୍ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ରାଜନେତା ଓ ରାଜନୈତିକ ଦଳଗୁଡ଼ିକ ଶୀଘ୍ର ଜନସାଧାରଣଙ୍କ ପାଖରେ ପହଞ୍ଚି ପାରୁଛନ୍ତି । ନେତାମାନେ ନିଜ ନୀତି, ବିଚାରଧାରା, ରଣକୌଶଳର ପ୍ରଚାରପ୍ରସାର ସହିତ ବିଭିନ୍ନ ସମସ୍ୟାର ସମାଧାନ କରିପାରୁଛନ୍ତି । ସେହିପରି ରାଲି, ସଭାର ଆୟୋଜନ ପାଇଁ କମ୍ ସମୟ ମଧ୍ୟରେ ସମର୍ଥକମାନଙ୍କୁ ଏକତ୍ର କରିବାରେ ସୋସିଆଲ୍ ମିଡିଆ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଜନମତକୁ ପ୍ରଭାବିତ କରିବା ପାଇଁ ସୂଚନାର ପ୍ରଚାରପ୍ରସାର କରିବା ନିମନ୍ତେ ଏହା ଏକ ଶକ୍ତିଶାଳୀ ମାଧ୍ୟମ । ସାଧାରଣ ଜନତା ଓ ନେତାମାନଙ୍କ ଭିତରେ ସଂପର୍କର ସେତୁ ହେଉଛି ସାମାଜିକ ଗଣମାଧ୍ୟମ । ନିର୍ବାଚନ ଅଭିଯାନରେ ସୋସିଆଲ୍ ମିଡିଆ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ।

ସୋସିଆଲ୍ ମିଡିଆରେ ଟ୍ରୋଲ୍ କରିବା ଆଉ ଏକ ନକାରାତ୍ମକ ଦିଗ ।

ସାମାଜିକ ଗଣମାଧ୍ୟମରେ ଯେ କୌଣସି ଜିନିଷ କିଛି ସମୟ ମଧ୍ୟରେ ଭାଇରାଲ୍ ହୋଇଯାଇଥାଏ । ଫଳରେ ସଂପୃକ୍ତ ସାମଗ୍ରୀ ଓ ତା' ସହିତ ଜଡ଼ିତ ବ୍ୟକ୍ତିଙ୍କୁ ନିୟମିତ ଟ୍ରୋଲ୍‌ର ସାମ୍ନା କରିବାକୁ ପଡ଼ିଥାଏ । ଯାହାଦ୍ୱାରା ଟ୍ରୋଲ୍ ହେଉଥିବା ବ୍ୟକ୍ତିଙ୍କୁ ଗଭୀର ଭାବେ ମାନସିକ ଆଘାତ ଲାଗିଥାଏ । ଫଳରେ ତାଙ୍କର ବ୍ୟବହାର ଓ ଦୈନନ୍ଦିନ ଜୀବନ ଉପରେ ଏହାର ଖରାପ ପ୍ରଭାବ ପଡ଼ିଥାଏ । ମାନସିକ ଯନ୍ତ୍ରଣା ଚରମ ସୀମାରେ ପହଞ୍ଚିଲେ ପୀଡ଼ିତ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଥାଏ । ସେହିପରି ଘୃଣା ଓ ହିଂସା ପ୍ରସାର ନିମନ୍ତେ ଆତଙ୍କବାଦୀଙ୍କ ପାଇଁ ସୋସିଆଲ୍ ମିଡିଆ ପ୍ରମୁଖ ଅସ୍ତ୍ର । ଆତଙ୍କବାଦୀ ସଂଗଠନଗୁଡ଼ିକ ସାଧାରଣ ଜନତାଙ୍କୁ ଭୟଭୀତ କରିବା ପାଇଁ ସୋସିଆଲ୍ ମିଡିଆକୁ ବ୍ୟବହାର କରିଥାଆନ୍ତି । ଆତଙ୍କବାଦୀ ଓ ବେଆଇନ ସଂଗଠନଗୁଡ଼ିକ ନିଜ ନିଜ ସଂଗଠନରେ ଯୁଦ୍ଧ ଓ ଆତଙ୍କବାଦ କାର୍ଯ୍ୟକଳାପରେ ଲୋକଙ୍କୁ ସଂପୃକ୍ତ କରିବା ପାଇଁ ଏହାର ଉପଯୋଗ କରିଥାନ୍ତି । ଅତୀତରେ ଭାରତର କେରଳ ରାଜ୍ୟର ଯୁବକମାନଙ୍କୁ କୁଖ୍ୟାତ ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍‌ରେ ଭର୍ତ୍ତି ପାଇଁ ସୋସିଆଲ୍ ମିଡିଆର ବ୍ୟବହାର କରାଯାଇଥିଲା । ଏହା ଦ୍ୱାରା ରାଷ୍ଟ୍ରୀୟ ସୁରକ୍ଷା ଓ ବିଶ୍ୱ ବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି ।

ସୋସିଆଲ୍ ମିଡିଆ ବର୍ତ୍ତମାନ ଆମମାନଙ୍କ ଜୀବନର ଏକ ଅଭିନ୍ନ ଅଙ୍ଗ ପାଲଟି ଯାଇଛି । ପ୍ରତିଦିନ ଅନେକ ବ୍ୟକ୍ତି ଦୀର୍ଘ ସମୟ ଏଥିରେ ବିତାଇ ଥାଆନ୍ତି । ଫଳରେ ମଣିଷ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଥାଏ । ଯାହା ସକାରାତ୍ମକ ବା ନକାରାତ୍ମକ ହୋଇପାରେ । ସାମାଜିକ ଗଣମାଧ୍ୟମର କେତେକ ସକାରାତ୍ମକ ଦିଗ ହେଉଛି ।

- ସାରା ବିଶ୍ୱର ଲୋକଙ୍କୁ ଯୋଡ଼ିବାରେ ସୋସିଆଲ୍ ମିଡିଆ ସହଯୋଗ କରିଥାଏ ।
- ସାଂପ୍ରତିକ ଘଟଣାଗୁଡ଼ିକ ସଂପର୍କରେ ଜାଣିବା ପାଇଁ ସାହାଯ୍ୟ କରିଥାଏ ।
- ଲୋକଙ୍କୁ ସମର୍ଥନ ଓ ପ୍ରୋତ୍ସାହନ ଦେବାରେ ସହଯୋଗ କରିଥାଏ ।
- ନୂଆ ନୂଆ ଜିନିଷ ଶିଖିବାକୁ ମିଳିଥାଏ ।
- ସୃଜନଶୀଳ ବ୍ୟକ୍ତିମାନେ ନିଜର ସୃଜନ କର୍ମ ପାଇଁ ସୋସିଆଲ୍ ମିଡିଆର ବ୍ୟବହାର କରିଥାନ୍ତି ।

ସେହିପରି ମଣିଷ ଉପରେ ସୋସିଆଲ୍ ମିଡିଆର ନକାରାତ୍ମକ ପ୍ରଭାବ ମଧ୍ୟ ପଡ଼ିଥାଏ ।

- ଯେଉଁ ବ୍ୟକ୍ତିମାନେ ଅଧିକ ସମୟ ସୋସିଆଲ୍ ମିଡିଆ ବ୍ୟବହାର କରନ୍ତି, ସେମାନଙ୍କ ମାନସିକ ଚିନ୍ତା ଓ ଅବସାଦ ବୃଦ୍ଧି ପାଇବାର ସମ୍ଭାବନା ଅଧିକ ଥାଏ ।
- ସାମାଜିକ ଗଣମାଧ୍ୟମ ପ୍ରତି ଅଧିକ ଆସକ୍ତ ହେବା କ୍ଷତିକାରକ । ଅନେକ ନୋଟିଫିକେସନ୍ ଦେଖିବା, ସନ୍ଦେଶର ଉତ୍ତର ଦେବାରେ ଘଣ୍ଟା ଘଣ୍ଟା ସମୟ ବିତାଇ ଥାଆନ୍ତି । ଫଳରେ ଅଯଥା ସମୟ ନଷ୍ଟ ହୋଇଥାଏ ।
- ମିଥ୍ୟା ଖବର ପ୍ରସାରଣ ସବୁଠାରୁ ବଡ଼ ମାଧ୍ୟମ ହେଉଛି ସୋସିଆଲ୍ ମିଡିଆ । ତେଣୁ କେଉଁ ଖବର ସତ୍ୟ ବା କେଉଁ ସୂଚନା ଠିକ୍ ବିନା ଯାଞ୍ଚ କରି ଜାଣିବା କଷ୍ଟକର ହୋଇପଡ଼େ । ସେଥିପାଇଁ ଯାଞ୍ଚ ବିନା ସାମାଜିକ ଗଣମାଧ୍ୟମର କୌଣସି ସୂଚନାକୁ ଗ୍ରହଣ କରିବା ଉଚିତ ନୁହେଁ ।
- ଅତ୍ୟଧିକ ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀ ବ୍ୟକ୍ତିମାନେ ବାସ୍ତବ ଦୁନିଆଠାରୁ ଟିକିଏ ଅଲଗା ଥାଆନ୍ତି । ଅଧିକ ସମୟ ଅନ୍‌ଲାଇନ୍‌ରେ ବ୍ୟସ୍ତ ରହୁଥିବା ଲୋକ ବାସ୍ତବ ଜଗତରେ ପରିବାର, ସଂପର୍କୀୟଙ୍କଠାରୁ ଦୂରେଇ ରହିଥାନ୍ତି ।

ସୋସିଆଲ୍ ମିଡିଆ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ବର୍ତ୍ତମାନ ଏକ ଚିନ୍ତାର ବିଷୟ ପାଲଟିଛି । ଏବେ ହ୍ୟାକର୍‌ଙ୍କ ଟାର୍ଗେଟରେ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ । ତେଣୁ ୟୁର୍ଜସଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି ହେବା, ପାସ୍‌ୱାର୍ଡ, କ୍ରେଡିଟ୍ କାର୍ଡ ନମ୍ବର ଏବଂ ଅନ୍ୟ ସମ୍ବେଦନଶୀଳ ଆବଶ୍ୟକୀୟ ତଥ୍ୟ ପ୍ରଘଟ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ ।

ସାମାଜିକ ଗଣମାଧ୍ୟମ ବ୍ୟବହାର ଦ୍ୱାରା ଆଧୁନିକ ମଣିଷ ଅନେକ କିଛି ପାଇଛି । ତେବେ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ମଧ୍ୟ ପଡ଼ିଛି । ଏହାର ଉଭୟ ସକାରାତ୍ମକ ଓ ନକାରାତ୍ମକ ଦିଗ ରହିଛି । ସେପଟେ ସୋସିଆଲ୍ ମିଡିଆ ଅପବ୍ୟବହାରକୁ ରୋକିବା ପାଇଁ କୌଣସି ପ୍ରକାର ନିର୍ଦ୍ଦିଷ୍ଟ କଟକଣା ନାହିଁ । ତେଣୁ ଆଗକୁ ଏଥିପାଇଁ ଅନେକ ଚାଲେଞ୍ଜ ମଧ୍ୟ ରହିଛି । ସେଥିପାଇଁ ଏହାର ଅପବ୍ୟବହାର ରୋକିବା ପାଇଁ ସରକାର ଆଗାମୀ ଦିନରେ ପଦକ୍ଷେପ ନେବା ଆବଶ୍ୟକ । ସୋସିଆଲ୍ ମିଡିଆ ବ୍ୟବହାରକାରୀ ମଧ୍ୟ ସତର୍କ ଓ ସଚେତନ ରହିବା ଜରୁରି । ନଚେତ୍ ଭବିଷ୍ୟତରେ ସାମାଜିକ ଗଣମାଧ୍ୟମ ସମାଜ ପାଇଁ କ୍ଷତିକାରକ ହେବ । ଏଥିପାଇଁ ଏବେଠାରୁ ଦୃଢ଼ ପଦେକ୍ଷପ ନିଆଯିବା ଦରକାର । ■

ସାମାଜିକ ଗଣମାଧ୍ୟମ

ସକାରାତ୍ମକ ଓ ନକାରାତ୍ମକ ଦିଗ



ଡ. ବିମଳ ଷଡ଼ଙ୍ଗୀ

ସାମାଜିକ ଗଣମାଧ୍ୟମ ଏକ 'ଡିଜିଟାଲ୍ ଲୋକାଭିମୁଖୀ ମଞ୍ଚ', ଯାହା ମାଧ୍ୟମରେ ବ୍ୟବହାରକାରୀ ବିଭିନ୍ନ ସତ୍ୟ ଆଧାରିତ ତଥ୍ୟ ଓ ଉତ୍ତମ ଭାବନାକୁ ସହଜରେ ଆଦାନ ପ୍ରଦାନ କରି ନୂତନ ସମ୍ପର୍କ, କାର୍ଯ୍ୟ ଆଦି ସମାପନ କରିବା ସହିତ ଉତ୍ତମ ଭବିଷ୍ୟତ ଗଠନ କରିବାର ସୁଯୋଗ ପାଇଥାଆନ୍ତି । ସେହିଦୃଷ୍ଟିରୁ ଆଜିର ଡିଜିଟାଲ୍ ଯୁଗରେ ସାମାଜିକ ଗଣମାଧ୍ୟମର ଯୋଗଦାନକୁ ଅଣଦେଖା କରାଯାଇନପାରେ । ନିଜ ଘରେ ରହି ପ୍ରତିକ୍ଷଣ ଦେଶ ବିଦେଶର ଖବର ପାଇବାଠାରୁ ଆରମ୍ଭ କରି, ରାଜନୀତି, ଅର୍ଥନୀତି, ସମାଜ, ଶିକ୍ଷା, ମନୋରଞ୍ଜନ ଓ ବ୍ୟବସାୟ ପର୍ଯ୍ୟନ୍ତ ସବୁ କିଛି ଆଜି ସାମାଜିକ ଗଣମାଧ୍ୟମ ନିଜ ଅକ୍ତିଆରକୁ ନେଇଯାଇଛି । ଭାରତର ବୃହତ୍ କ୍ରିୟାଶୀଳ ମାନବସମ୍ବଳ ବିଶେଷ କରି ଯୁବପିଢ଼ି ଏହାର ପ୍ରମୁଖ ଉପଭୋକ୍ତା । ଶିକ୍ଷିତ, ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ସମସ୍ତେ ଏହି ଡିଜିଟାଲ୍ ନଦୀର ସ୍ରୋତରେ ଭାସି ଚାଲିଛନ୍ତି । ସାମାଜିକ ଗଣମାଧ୍ୟମ ଏକ ସୁଯୋଗ, ଆବଶ୍ୟକତା କିମ୍ବା ଅତ୍ୟନ୍ତ ସମ୍ବେଦନଶୀଳ ଓ ସମସ୍ୟା ବହୁଳ ଯାହା କେବଳ ତାହାର ସଠିକ୍ ବ୍ୟବହାର ଉପରେ ନିର୍ଭର କରିଥାଏ ।

ଜ୍ଞାନ, ଶିକ୍ଷା ଓ ସୁଯୋଗର ପଥ

ବର୍ତ୍ତମାନ ଡିଜିଟାଲ୍ ଯୁଗରେ ୟୁଟ୍ୟୁବ୍, ଇନ୍‌ଷ୍ଟାଗ୍ରାମ୍, ଟେଲିଗ୍ରାମ୍, ହ୍ୱାଟସ୍ଆପ୍, ଏକ୍ସ ଆଦି ଭାରତର ଲକ୍ଷ ଲକ୍ଷ ଯୁବକଯୁବତୀଙ୍କ ପାଇଁ ଆଜି ନୂଆ ପାଠଶାଳା, ଶିକ୍ଷା କେନ୍ଦ୍ରମାଧ୍ୟମରେ ଉପଲବ୍ଧ । ୟୁପିଏସ୍‌ସି, ନିଟ୍, ଜେଇଇ, ଆଇଆଇଟି, କୋଡିଂ, କୃତ୍ରିମ ବୁଦ୍ଧିମତ୍ତା, ଡାଟା ସାଇନ୍ସ, କୃଷି ବିକାଶ ଓ ଉଦ୍ଭାବନ, ଉଦ୍ୟୋଗ ପାଇଁ ପ୍ରୋତ୍ସାହନ ଆଦି ସେବାଗୁଡ଼ିକକୁ ଗ୍ରାମର ଯୁବପିଢ଼ି ନିଜ ଘରେ ବସି ମାଗଣାରେ ପାଉଛନ୍ତି । ଏହା ଅର୍ଦ୍ଧଶିକ୍ଷିତ ଓ ଅର୍ଥନୈତିକ ଭାବେ ପଛୁଆ ପଡ଼ିଥିବା ପରିବାରର ଯୁବପିଢ଼ିଙ୍କ ବଞ୍ଚିବାର ରାସ୍ତାର ଦିଗ ବଦଳାଇଛି ।

କ୍ୟାରିଅର ଓ ଆୟର ମାର୍ଗ

ୟୁଟ୍ୟୁବର୍ କ୍ରିଏଟର, ଇନ୍‌ଷ୍ଟାଗ୍ରାମ୍ ଇନଫ୍ଲୁଏନ୍‌ସର୍, ଫ୍ରିଲାନସର୍, ଡିଜିଟାଲ୍ ମେକର୍, କନ୍‌ଟେଣ୍ଟ ଲେଖକ, ଷ୍ଟାର୍ ମେକର୍ ଆଦି କେବଳ ସୌଖୀନ ପାଇଁ ନୁହେଁ, ବରଂ ଯୁବବର୍ଗର ଏକ ସମ୍ମାନଜନକ ଜୀବିକା ସୃଷ୍ଟିକାରୀ ରୂପେ ବିଦ୍ୟମାନ । ବିଶେଷକରି ଗ୍ରାମୀଣ ଯୁବବର୍ଗ ଆଜି ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଅନଲାଇନ୍ ବ୍ୟବସାୟ, ହସ୍ତଶିଳ୍ପ, ହ୍ୟାଣ୍ଡମେଡ୍ ଉତ୍ପାଦ ଖାଦ୍ୟ ପ୍ରସ୍ତୁତି ଇତ୍ୟାଦିକୁ ଦେଶ-ଦୁନିଆରେ ପହଞ୍ଚେଇ, ନିଜକୁ ଆର୍ଥିକ ସ୍ତରରେ ସ୍ୱାବଲମ୍ବନଶୀଳ କରିପାରୁଛନ୍ତି । ଜୀବନରେ ସୃଜନଶୀଳତା ବଢ଼ାଇବାରେ ମଧ୍ୟ ସାମାଜିକ ଗଣମାଧ୍ୟମ ଏକ ରୂପାନ୍ତରକାରୀ ଶକ୍ତି ଭାବରେ ଉପସ୍ଥିତ । ଗାୟକ, ଚିତ୍ରକର, ନୃତ୍ୟଶିଳ୍ପୀ, କବି, ସଙ୍ଗୀତକାର ଅନେକ ଯୁବ ପ୍ରତିଭା ଏହି ସାମାଜିକ ଗଣମାଧ୍ୟମ ଦ୍ୱାରା ଦୁନିଆର ଦୃଷ୍ଟି ଆକର୍ଷଣ କରୁଛନ୍ତି । ଭାରତରେ ସାମାଜିକ ଗଣମାଧ୍ୟମ ସହାୟତାରେ ଫେସ୍‌ବୁକ୍ ମାଧ୍ୟମରେ ଲୋକେ ଫଟୋ, ଭିଡିଓ, ଭାବନା ଓ ସମ୍ବାଦ ସେୟାର୍ କରିପାରୁଛନ୍ତି ।

ଇନ୍‌ଷ୍ଟାଗ୍ରାମ୍ ଯୁବବର୍ଗରେ ମଧ୍ୟରେ ବେଶି ପ୍ରସିଦ୍ଧ ଯାହା ମାଧ୍ୟମରେ ଫଟୋ,ଭିଡିଓ, ରିଲ୍ସ ଓ ଗଳ୍ପ ଦ୍ୱାରା ସେମାନେ ନିଜର ସୃଜନଶୀଳତା ପ୍ରଦର୍ଶନ କରୁଛନ୍ତି । ୟୁଟ୍ୟୁବ୍ ମାଧ୍ୟମରେ ଭିଡିଓ ଭିତ୍ତିକ ପ୍ଲାଟଫର୍ମ, ଯେଉଁଠାରେ ଶିକ୍ଷା, ମନୋରଞ୍ଜନ, ସଂଗୀତ ଓ ସମ୍ବାଦ ଆଦି ଦୃଶ୍ୟମାନ ହେଉଛି । ହ୍ୱାଟ୍‌ସଆପ୍ ଏକ ମେସେଜିଂ ପ୍ଲାଟ୍‌ଫର୍ମ, ଯାହା ମାଧ୍ୟମରେ ଚାଟ୍, ଭଏସ୍ କଲ୍, ଭିଡିଓ କଲ୍ ଓ ଗ୍ରୁପ୍ ସଂଯୋଗରେ ଲୋକଙ୍କୁ ଯୋଡ଼ି ରଖିପାରୁଛି । ୧୫ ବର୍ଷ ପୂର୍ବରୁ ଯେଉଁ ସମ୍ଭାବନା ଅପହଞ୍ଚ ଲାଗୁଥିଲା ତାହା ଆଜି ନିଜର ପେଶା ଭାବରେ ସ୍ଥାନ ପାଇଛି । ଏହି ସାମାଜିକ ଗଣମାଧ୍ୟମ ଯୁବପିଢ଼ିକୁ ନୂତନ ନେଟ୍‌ୱର୍କିଂ ଦୁନିଆରେ ପାଦଦେବାରେ ସହାୟତା ହୋଇଛି । ରାଷ୍ଟ୍ରର କୌଣସି ଏକ କ୍ଷୁଦ୍ର ଗ୍ରାମରୁ ଜଣେ ଯୁବକ ରାଷ୍ଟ୍ରୀୟ ବା ଆନ୍ତର୍ଜାତୀୟସ୍ତରର ପ୍ରତିଷ୍ଠିତ ବ୍ୟକ୍ତିଙ୍କ ସହ ସହଜରେ ଯୋଗାଯୋଗ କରିବାରେ ସମର୍ଥ ହେଉଛି । ସେହିପରି ସାମାଜିକ ଗଣମାଧ୍ୟମ କ୍ୟାରିଅର୍ ବିକଳ୍ପ, ମେଣ୍ଟରସିପ୍, ଓ ନୂତନ ଦୃଷ୍ଟିକୋଣ ସୃଷ୍ଟିର ସମ୍ଭାର ନେଇ ଆସିଛି । ଜୀବନରେ ସୃଜନଶୀଳତା ବଢ଼ାଇବାରେ ମଧ୍ୟ ସାମାଜିକ ଗଣମାଧ୍ୟମ ଏକ ରୂପାନ୍ତରକାରୀ ଶକ୍ତି ଭାବରେ ଉପସ୍ଥିତ । ଗାୟକ, ଚିତ୍ରକର, ନୃତ୍ୟଶିଳ୍ପୀ, କବି, ସଙ୍ଗୀତକାର ଅନେକ ଯୁବ ପ୍ରତିଭା ଷ୍ଟାରମେକର୍ ଭଳି ସାମାଜିକ ଗଣମାଧ୍ୟମ ଦ୍ୱାରା ଦୁନିଆର ଦୃଷ୍ଟି ଆକର୍ଷଣ କରୁଛନ୍ତି । କହିବାକୁ ଗଲେ ସାମାଜିକ ଗଣମାଧ୍ୟମର ସଫଳତାର ଫର୍ଦ୍ଦ ଅସୀମିତ ଓ ପ୍ରେରଣାଦାୟକ ।

ସାମାଜିକ ନ୍ୟାୟର ବାହକ

ସାମାଜିକ ଗଣମାଧ୍ୟମ ଅନେକ ସମୟରେ 'ଲୋକଙ୍କ କୋର୍ଟ' ଭାବରେ ନାମିତ ହୋଇଥାଏ । ଦୁର୍ନୀତି, ଅନ୍ୟାୟ, ଶୋଷଣ, ହିଂସା ଆଦିର ଭିଡ଼ିଓ ଓ ଫଟୋ ସମାଜର ନ୍ୟାୟିକ ପ୍ରକ୍ରିୟାକୁ ମଜଭୁତ କରିବାର ଶକ୍ତି ଦେଇଛି । ଅନେକ ଅଭିଯୋଗ ଯାହା ପୂର୍ବରୁ ଲୁଚି ଯାଉଥିଲା ତାହା ଆଉ ଅତି ସହଜରେ ଲୋକଲୋଚନକୁ ଆସିପାରୁଛି । ରାସ୍ତାର ନିମ୍ନମାନର କାମ ହେଉ ବା ଅଫିସର୍, ନେତା, ବେପାରୀଙ୍କ ଦୁର୍ନୀତି ଅଥବା ନିଶା ବ୍ୟବସାୟ, ଚୋରି, ଠକେଇ ଆଦି ସମସ୍ତଙ୍କ କୁକର୍ମର ଛବି ଅତି ଦ୍ରୁତଗତିରେ ଲୋକଲୋଚନକୁ ଆସିପାରୁଛି । ଓଡ଼ିଶାରେ ନିକଟରେ ହୋମଗାର୍ଡ ପାଇଁ ହୋଇଥିବା ପରୀକ୍ଷାରେ ମାତ୍ର ୧୫୦ଟି ପଦ ପାଇଁ ୫୦୦୦ ରୁ ଊର୍ଦ୍ଧ୍ୱ ଉଚ୍ଚ ଶିକ୍ଷିତ ଯୁବପିଢ଼ିଙ୍କ ଯୋଗଦାନ ଆମ ରାଜ୍ୟର ଉତ୍କଟ ବେକାରି ସମସ୍ୟାର ଛବି ଆଣିଥିଲା । ସେହିପରି ଓଡ଼ିଶା ପୋଲିସ୍ ଏଏସ୍ଆଇ ପରୀକ୍ଷାର ଦୁର୍ନୀତି, ଆତ୍ମହତ୍ୟା, ଚାଷୀ ଆନ୍ଦୋଳନ ଆଦି ଅନେକ ସଂବେଦନଶୀଳ ଘଟଣା ସହିତ ସମାଜସେବା, ନ୍ୟାୟ ଆନ୍ଦୋଳନ, ପରିବେଶ ସୁରକ୍ଷା, ଯୁବ ଅଭିଜ୍ଞତା ଆଦି ସମସ୍ତ ସମସ୍ୟାକୁ ଏହି ମଞ୍ଚ ସ୍ଥାନ ଦେଇଛି । ମି-ଟୁ, ସେଭ୍-ଆରେ, କ୍ଲାଇମେଟ୍ ଷ୍ଟ୍ରାଇକ୍ ଆଦି ଟ୍ରେଣ୍ଡ ଯୁବପିଢ଼ିକୁ ସଚେତନ ନାଗରିକରୁ ଉତ୍ତରଦାୟୀ ନାଗରିକ ପର୍ଯ୍ୟନ୍ତ ଉପସ୍ଥାପିତ କରିଛି ।

ସାଇବର୍ ଅପରାଧର ଦ୍ରୁତ ବୃଦ୍ଧି

ସାଇବର୍ ଅପରାଧ ଆଜି ଯୁବପିଢ଼ିର ସବୁଠୁ ବଡ଼ ଶତ୍ରୁ । ସଚେତନତାର ଅଭାବରୁ ଫେକ୍ ପ୍ରୋଫାଇଲ୍, ଓଟିପି ଠକେଇ, ଯୌନ ନିର୍ଯାତନା, ଡିଜିଟାଲ୍ ଆରେଷ୍ଟ, ଡାଟା ଚୋରି, ନକଲ ପ୍ରୋଫାଇଲ୍, ଅନ୍‌ଲାଇନ ନିର୍ଯାତନା ଆଦିର କବଳରେ ଆଜିର ଯୁବପିଢ଼ି, ବିଶେଷକରି ମଧ୍ୟମବର୍ଗୀୟ ଓ ଗ୍ରାମୀଣ ଯୁବପୀଢ଼ି ଏହାର ଅଧିକ ଶିକାର ହେଉଛନ୍ତି ଯାହାର ମାଧ୍ୟମ ସାଜିଛି ସାମାଜିକ ଗଣମାଧ୍ୟମ । ଭାରତୀୟ ଯୁବପୀଢ଼ି ଇଣ୍ଟନେଟ୍ ଓ ସାମାଜିକ ଗଣମାଧ୍ୟମର ଅନିୟନ୍ତ୍ରିତ ବ୍ୟବହାର ଯୋଗୁ ବିଶ୍ଳେଷଣାତ୍ମକ ଚିନ୍ତା, ସତ୍ୟସନ୍ଧାନର କଳା ଓ କୌଶଳ ଆଦିକୁ ହରାଇଛନ୍ତି । ଯାହା ଫଳରେ ଯୁବବର୍ଗ ଭୁଲ୍ ଖବର, ଧାର୍ମିକ ପୋଲାରାଇଜେସନ୍, ରାଜନୈତିକ ଅଭିଯୋଗ ଓ ଅନେକ ଚଞ୍ଚକତାପୂର୍ଣ୍ଣ ଲୋଭନୀୟ ପ୍ରଚାରର ଶିକାର ହେଉଛନ୍ତି ଯାହା ସେମାନଙ୍କର ମନକୁ ପ୍ରଭାବିତ କରି ଭୁଲ ନୀତିକୁ ଗ୍ରହଣ କରିବାକୁ ବାଧ କରୁଛି ।

ସାମାଜିକ ଗଣମାଧ୍ୟମ ଆସକ୍ତି

ଲାଇକ୍, କମେଣ୍ଟ, ଫଲୋ ଏହି ଶବ୍ଦଗୁଡ଼ିକ ଆଜି ଆତ୍ମସମ୍ମାନର ମାପକାଠି । ସାମାଜିକ ଗଣମାଧ୍ୟମର ଆସକ୍ତିରେ ଯୁବପିଢ଼ି ଭୁଲ୍ ରିଲ୍ସ, ଅନିୟନ୍ତ୍ରିତ ସ୍କ୍ରୋଲିଙ୍ଗ, ଭିଡିଓ ପ୍ରସ୍ତୁତି, ଅସୁରକ୍ଷିତ ଚାଟିଂ, ହ୍ୱାଟ୍ସଆପ, ୟୁଟ୍ୟୁବ୍ ଆଦିରେ ଭୁଲ ତଥ୍ୟର ଆଦାନପ୍ରଦାନ ଯୋଗୁଁ ବହୁ ସମୟ ଲିପ୍ତ ରହି ଡୋପାମିନ୍ ନାମକ ହର୍ମୋନର ପ୍ରଭାବରେ ମାନସିକ ବିକାରର ଶିକାର ଦ୍ୱାରା ନିଜର ପାଠପଢ଼ା, ଦୈନନ୍ଦିନ ଶାରୀରିକ କ୍ରିୟା, ଭବିଷ୍ୟତ ଗଠନର ଯୋଜନା, ପାରିବାରିକ ସମ୍ପର୍କ ଆଦିରୁ ଦୂରେଇ ଯାଉଛନ୍ତି । ଡୋପାମିନ ଏପରି ଗୋଟିଏ ନିଶା ଯାହା ପିଲାଦିନରୁ ଆରମ୍ଭ ହୋଇ ମଣିଷକୁ ମୃତ୍ୟୁ ପର୍ଯ୍ୟନ୍ତ ଅନବରତ ଭାବରେ ୨୪ଘଣ୍ଟା ବ୍ୟସ୍ତ ରଖିବାରେ ସଫଳ ହୋଇଥାଏ, ଫଳରେ ମଣିଷର ମସ୍ତିଷ୍କର କ୍ଷମତା ସଙ୍କୁଚିତ ହେବା ସହିତ ତା'ର ଭାବନା ଶକ୍ତି ନଷ୍ଟ କରେ । ଆକ୍ରାନ୍ତ ବ୍ୟକ୍ତି ଆତ୍ମୀୟତା ଓ ସମ୍ପର୍କକୁ ବୁଝିବାକୁ ଅସମର୍ଥ ହୋଇ ପଡ଼େ । ଯେଉଁ ବ୍ୟକ୍ତି ଯେତେ ଥର ସାମାଜିକ ଗଣମାଧ୍ୟମର ସଂସ୍ପର୍ଶରେ ଆସିବ, ତାହା ତାକୁ ସେତେ ଅଧିକ ଭଲ ଲାଗିବ କାରଣ ତା' ମସ୍ତିଷ୍କରେ ଡୋପାମିନ୍ ଭଳି ହରମୋନ୍‌ର କ୍ଷରଣ ଅତ୍ୟଧିକ ମାତ୍ରାରେ ବଢ଼ିବା ଫଳରେ ତା'ର ଧ୍ୟାନ କେବଳ ସାମାଜିକ ଗଣମାଧ୍ୟମକୁ ଆକର୍ଷିତ ହୋଇ ଅନ୍ୟ ଚିନ୍ତା କରିବାର ଶକ୍ତିକୁ ଶେଷ କରିଥାଏ, ଯାହାଫଳରେ ମଣିଷ ନିଜର ଧୈର୍ଯ୍ୟଚ୍ୟୁତି ସହିତ ଆତ୍ମବିଶ୍ୱାସ ହରାଇ ବସିଥାଏ । ଏହି ନିଶା ସମୟ ନଷ୍ଟ କରିବା, ବିକାଶକୁ ରୋକି ଭବିଷ୍ୟତକୁ ଅନ୍ଧକାରମୟ କରିବା ସହିତ ଅର୍ଥ ହାନି, ଚାପ ସୃଷ୍ଟି ସହିତ ସେମାନଙ୍କୁ ବିଭିନ୍ନ ମିଛ ଉପରେ ଭରସା କରିବାକୁ ବାଧ କରେ । ଶେଷରେ ପୀଡ଼ିତ ଆତ୍ମହତ୍ୟା ବା ଅନ୍ୟାନ୍ୟ ପାପ କର୍ମରେ ଲିପ୍ତ ରହି ପରିବାର ଏବଂ ବନ୍ଧୁପରିଜନଙ୍କ ବିଶ୍ୱାସକୁ ଶୀଘ୍ର ନଷ୍ଟ କରି ନିଜ ଜୀବନ ବିପନ୍ନ କରିଥାଏ । ବହୁ ସମୟ ଧରି ସାମାଜିକ ଗଣମାଧ୍ୟମରେ ବୁଡ଼ି ରହିଥିବା ବ୍ୟକ୍ତିମାନଙ୍କ ଜୀବନରେ ଅତ୍ୟଧିକ ଚାପ ସହିତ ହୃଦ୍‌ରୋଗ, ଚିଡ଼ିଚିଡ଼ାପଣ ଆଦି ସୃଷ୍ଟି କରିବା ସହିତ ଭାବପ୍ରବଣତା ଓ ସମ୍ପର୍କକୁ ନଷ୍ଟ କରି ବୈବାହିକ ଜୀବନରେ ଛାଡପତ୍ର ଭଳି ସମସ୍ୟା ସୃଷ୍ଟି କରିଥାଏ ।

ଭୁଲ ସମ୍ବାଦ ଓ ଭ୍ରାନ୍ତ ଚିନ୍ତାଧାରା

ସାମାଜିକ ଗଣମାଧ୍ୟମ ଏକ ଲଙ୍ଗର ବିହୀନ ତରୀ । ଯେ କୌଣସି ବ୍ୟକ୍ତି ତା ମନଇଚ୍ଛା ଯାହାକୁ ନା କାହିଁକି କିଛି ବି ପୋଷ୍ଟ କରିଦେଇ ପାରୁଛି । ଧର୍ମ, ଜାତି, ରାଜନୀତି, ସୁସ୍ଥତା ସମ୍ପର୍କିତ ଭ୍ରାନ୍ତସୂଚନା ଆଦି ଅନେକ ସମୟରେ ସମାଜକୁ ଭାଗ ଭାଗ କରୁଛି । ଏହା ମାଧ୍ୟମରେ ଅନେକ ଖଳପ୍ରକୃତିର ରାଜନୈତିକ ବ୍ୟକ୍ତିଙ୍କ ପ୍ରରୋଚନାରେ ଭାରତର ଅନେକ ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଯୁବପିଢ଼ି ଏହାର ସବୁଠାରୁ ବଡ଼ ଶିକାର ହୋଇଥାଆନ୍ତି ।

ଦିନର କିଛି ସମୟ 'ମୋବାଇଲ୍ ଓ ସ୍କ୍ରିନ ମୁକ୍ତ ସମୟ' ରଖିଲେ ମନକୁ ଶାନ୍ତି ମିଳିଥାଏ । ନିଜର ଖାଇବା ଘର, ଶୋଇବାଘର ଇତ୍ୟାଦିକୁ 'ସ୍କ୍ରିନ ମୁକ୍ତ ସ୍ଥାନ' ଘୋଷଣା କରନ୍ତୁ । ଏହା ଧୀରେ ଧୀରେ ଅନାବଶ୍ୟକ ସ୍କ୍ରିନ୍ ବ୍ୟବହାରକୁ କମାଇ ମନକୁ ସ୍ଥିର କରିପାରେ । ପଢ଼ିବା ସମୟରେ ମୋବାଇଲଠାରୁ ଦୂରେଇ ରୁହନ୍ତୁ । ସାମାଜିକ ଗଣମାଧ୍ୟମର ପ୍ରସାରିତ ସବୁ ଘଟଣା ଠିକ୍ ନୁହେଁ, କୌଣସି ଲୋଭର ବଶବର୍ତ୍ତୀ ନହୋଇ ରାଜନୈତିକ ପ୍ରବଞ୍ଚନାରୁ ମୁକ୍ତ ରହିବା ସହିତ ଧୈର୍ଯ୍ୟ, ସହନଶୀଳତା ବୃଦ୍ଧିର କାର୍ଯ୍ୟ ଆରମ୍ଭ କରନ୍ତୁ । ସଠିକ୍ ବିଷୟକୁ ଆଲୋଚନା ଓ ବୈଜ୍ଞାନିକ ଦୃଷ୍ଟିକୋଣରୁ ସତ୍ୟା ସତ୍ୟ ଯାଞ୍ଚ ଆତ୍ମପ୍ରେରିତ ସତ୍ୟକୁ ଗ୍ରହଣ କରନ୍ତୁ । ସମାଜରେ ଏହି ଛୋଟ ଛୋଟ ପଦକ୍ଷେପ ଦ୍ୱାରା ଲୋକମାନେ କ୍ଷଣିକ ଆନନ୍ଦଠାରୁ ଦୀର୍ଘକାଳୀନ ଶାନ୍ତି ଓ ସ୍ୱାସ୍ଥ୍ୟକୁ ମହତ୍ୱ ଦେବା ଆରମ୍ଭ କରି ସାମାଜିକ ଗଣମାଧ୍ୟମର ଉପକାରିତା ଉପଲବ୍ଧି କରି ଭୁଲ୍ ଠିକ୍ ବିଚାର କରିପାରିବେ । ସାମାଜିକ ଗଣମାଧ୍ୟମର ସଠିକ ବ୍ୟବହାର କରିପାରିବେ ।

ଭାରତର ଶିକ୍ଷିତ ,ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଯୁବମାନଙ୍କ ପାଇଁ, ସାଇବର୍ ସୁରକ୍ଷା ତାଲିମ, ଓଟିପି ଓ ପାସୱର୍ଡ ସୁରକ୍ଷା, ଭୁଲ ସମ୍ବାଦକୁ ପରଖିବା ତାଲିମ, ସରକାରୀ ସାଇବର ସହାୟତା କେନ୍ଦ୍ର, ଏସବୁ ବିଷୟ ସରକାର, ବିଦ୍ୟାଳୟ, ଗ୍ରାମପଞ୍ଚାୟତ ଓ ଏନ୍‌ଜିଓ ମାଧ୍ୟମରେ ଶିଖାଇବା ଆବଶ୍ୟକ ।

ସାମାଜିକ ଗଣମାଧ୍ୟମରେ ସମୟ ବିତାଇବା ନିୟନ୍ତ୍ରଣ ସବୁଠାରୁ ଆବଶ୍ୟକ । ସାମାଜିକ ଗଣମାଧ୍ୟମର ତଥ୍ୟ ଗୁଡ଼ିକକୁ ଆଖି ବୁଜି ଗ୍ରହଣ ନକରି ଅନ୍ୟକୁ ସେୟାର୍ କରିବା ପୂର୍ବରୁ ଭଲଭାବରେ ତାର ସତ୍ୟତା ଯାଞ୍ଚ କରନ୍ତୁ । କାରଣ ତଥ୍ୟ ଭୁଲ୍ ହେଲେ ତାହାର ପ୍ରଭାବ ଭୟଙ୍କର ହୋଇପାରେ । ସେଥିପାଇଁ ପିଆଇବି, ବୁମ୍, ସରକାରୀ ୱେବ୍, ପ୍ରମାଣିତ ସମ୍ବାଦ ମାଧ୍ୟମରେ ତଥ୍ୟଗୁଡ଼ିକର ସତ୍ୟାସତ୍ୟ ଯାଞ୍ଚ କରନ୍ତୁ । ସାଇବର୍ ସୁରକ୍ଷା ନୀତି ହେଉଛି ଦ୍ୱିସ୍ତରୀୟ ଯାଞ୍ଚ, ଷ୍ଟ୍ରଙ୍ଗ୍ ପାସୱର୍ଡ, ଅଜଣା ଲିଙ୍କକୁ କଦାପି ଛୁଅନ୍ତୁ ନାହିଁ, ଅଜଣା ଲୋକଙ୍କ ସହ ଚାଟ୍ କରନ୍ତୁ ନାହିଁ । ଡିଜିଟାଲ୍ ମାଧ୍ୟମରେ ଟଙ୍କା ନେଣଦେଣରେ ସତର୍କତା ଆଦି ପଦକ୍ଷେପ ନେବା ଆବଶ୍ୟକ । ସୃଜନଶୀଳ ଓ ଶିକ୍ଷାମୂଳକ କଣ୍ଟେଣ୍ଟକୁ ପ୍ରାଥମିକତା, ପରିବାର ଓ ସମାଜ ସହ ଯୋଗାଯୋଗ ରକ୍ଷା କରନ୍ତୁ ସର୍ବୋପରି ମନୋସ୍ୱାସ୍ଥ୍ୟର ଯତ୍ନ ନେବା ଅତ୍ୟନ୍ତ ଜରୁରି ।

ଅଶ୍ଳୀଳତା ଓ ଅସୁସ୍ଥ ସଂସ୍କୃତିର ଚାପ

ଅଶ୍ଳୀଳତା ଓ ନୀତିହୀନତାର ପ୍ରସାର ସାମାଜିକ ଗଣମାଧ୍ୟମର ଆଉ ଗୋଟିଏ ଭୁଲ୍ ରୂପ । ଅନେକ ଅପରିପକ୍ୱ ସ୍ରଷ୍ଟା ଅତ୍ୟନ୍ତ ଖରାପ ଛବି, ଭିଡିଓ, ଲେଖା ଆଦିକୁ ଅନୁକରଣୀୟ ଭାବରେ ଲାଇକ୍ ଓ ଫଲୋ ପାଇଁ ପ୍ରଚାର କରୁଛନ୍ତି । ଯାହା କେବଳ ଯୁବପିଢ଼ିଙ୍କୁ ବିପଥଗାମୀ କରୁନାହିଁ, ବରଂ ସାମାଜିକ ତଥା ସଂସ୍କୃତିକ ଅବକ୍ଷୟର ବାହକଭାବେ କାର୍ଯ୍ୟ କରିଛି । ଛୋଟ ଭିଡ଼ିଓ, ଚାକଚକ୍ୟ ଅଶ୍ଳୀଳତା, ଯୌନ ଉଦ୍ଦୀପକ ଚିତ୍ର ଆଦି ଯୁବପିଢ଼ିଙ୍କ ଚିନ୍ତାଧାରା, ସମ୍ପର୍କ, ନେତୃତ୍ୱ ଓ ନୀତିକୁ କ୍ଷତି ଘଟାଇଛି ।

ସୋସିଆଲ୍ ମିଡିଆକୁ ନିଷେଧ କରିବା କିମ୍ବା ରୋକିବା କେବେ ସମାଧାନ ହୋଇପାରିବ ନାହିଁ। ଟେକ୍ନୋଲୋଜିର ଉଦ୍ଭାବନ, ପ୍ରଗତି ଓ ପ୍ରସାର ସହିତ ଆମକୁ ପାଦରେ ପାଦମିଳାଇ ଚାଲିବାକୁ ପଡ଼ିବ । ଯାହା ଡିଜିଟାଲ୍ ସାକ୍ଷରତା, ମନୋସ୍ୱାସ୍ଥ୍ୟ ସଚେତନତା ଓ ସୀମାମୂଳକ ବ୍ୟବହାର ଆଦିକୁ ସୂଚିତ କରେ । ମନୋବିଜ୍ଞାନୀଙ୍କ ମତରେ ପରିବାର, ବିଦ୍ୟାଳୟ, ଗ୍ରାମସ୍ତରରେ ଆଲୋଚନା, ସଙ୍ଗୀତ, ସାହିତ୍ୟ, ଆଧ୍ୟାତ୍ମିକ କାର୍ଯ୍ୟ ଆଦି ମନକୁ ସ୍ଥିର, ଶାନ୍ତ ଓ ସୁସ୍ଥ କରେ ସେଥିପାଇଁ ସ୍କୁଲ୍, କଲେଜ, ବିଶ୍ୱବିଦ୍ୟାଳୟରେ ଡିଜିଟାଲ୍ ସାକ୍ଷରତା ବିଷୟଟି ଅନିବାର୍ଯ୍ୟ ହେବା ଉଚିତ । ପ୍ରତ୍ୟେକ ପରିବାରରେ

ଯୁବପିଢ଼ିର ହାତରେ ତାଙ୍କ ଭବିଷ୍ୟତ । ସାମାଜିକ ଗଣମାଧ୍ୟମ ଅଧିକ ଭଲ ବା ଖରାପ ନୁହେଁ, ଏହା କେବଳ ଏକ ଯାନ୍ତ୍ରିକ ମାଧ୍ୟମ । ଆମେ ସେ ମାଧ୍ୟମକୁ ଭଲ ଭାବରେ ବ୍ୟବହାର କଲେ ଭଲ ଫଳ ମିଳିବ । ଭାରତର ଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ଅଶିକ୍ଷିତ ଯୁବପିଢ଼ି ଯଦି ସାମାଜିକ ଗଣମାଧ୍ୟମରେ ଥିବା ତଥ୍ୟର ସତ୍ୟତା ଯାଞ୍ଚ କରି ସଚେତନ ଭାବେ ବ୍ୟବହାର କରନ୍ତି, ଡିଜିଟାଲ୍ ଶିକ୍ଷା ଅନୁସରଣ କରନ୍ତି, ସାଇବର୍ ସୁରକ୍ଷା ରଖନ୍ତି, ତେବେ ତଥ୍ୟର ସତ୍ୟତା ଯାଞ୍ଚ କରନ୍ତି, ତେବେ ସାମାଜିକ ଗଣମାଧ୍ୟମ ଦେଶର ଉନ୍ନତିର ସବୁଠାରୁ ମହାନ ଅସ୍ତ୍ର ହୋଇପାରେ । ନହେଲେ, ଏହା ଯୁବପିଢ଼ିକୁ ଭ୍ରମ, ଅନ୍ଧକାର ଓ ବିଭ୍ରାନ୍ତିର ଗର୍ତ୍ତରେ ଠେଲି ଦେବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ । ■

ମୋ: ୯୪୩୭୧୨୩୮ ୯୨

ବିଦ୍ୟାର୍ଥୀ ଓ ସାମାଜିକ ଗଣମାଧ୍ୟମ

ଡ. ମୌସୁମୀ ପରିଡ଼ା

ଏକଦା ସମୟ ଥିଲା କେବଳ ଖବର କାଗଜ ଓ ରେଡିଓ ଦେଶ ବିଦେଶ ତଥା ଆଞ୍ଚଳିକ ଖବର ସହିତ ଜ୍ଞାନବିଜ୍ଞାନ ପ୍ରଶିକ୍ଷଣର ମାଧ୍ୟମ ପାଲଟିଥିଲା । କାଳକ୍ରମେ ବଜାରକୁ ଟେଲିଭିଜନ ଆସିଲା, ଲୋକମାନଙ୍କ ମାନସିକତା ସହିତ ଚିନ୍ତା ଓ ଚେତନାର ପରିସର ବ୍ୟାପକ ହେଲା । ଗାଁଠାରୁ ସହର ଯାଏଁ ଲୋକମାନଙ୍କ ଜୀବନର ଅଂଶ ପାଲଟିଗଲା । ସମ୍ବାଦ ପରିବେଷଣଠାରୁ ଆରମ୍ଭ କରି ବିଭିନ୍ନ ପାରିବାରିକ ସିରିୟଲ୍ ଦେଖିବା, ବୈଷୟିକ ଜ୍ଞାନକୋଶଳ ସହିତ ଅବଗତ ହେବା ଲୋକମାନଙ୍କ ଅଭ୍ୟାସରେ ପରିଣତ ହେଲା । ଲୋକମାନେ ରୁଣ୍ଡ ହୋଇ କ୍ରିକେଟ୍ ମ୍ୟାଚ୍ କିମ୍ବା 'ରାମାୟଣ', 'ମହାଭାରତ' ପରି ପୌରାଣିକ ସିରିୟଲ୍ ଦେଖୁଥିଲେ । 'ଚିତ୍ରହାର' କିମ୍ବା 'ଚିତ୍ରମାଳା', 'ସମାଚାର' ଦେଖି ମନୋରଞ୍ଜନ କରୁଥିଲେ । ଭାଇଚାରା ସହିତ ପାରସ୍ପରିକ ବନ୍ଧୁତ୍ୱ ବଜାୟ ଥିଲା । ଏତିକିରେ ମଣିଷର ସବୁତକ ଚାହିଦା ପୂର୍ଣ୍ଣ ହୋଇପାରିଲାନି । ମଣିଷ ସବୁବେଳେ ଅନୁସନ୍ଧାନ-ପ୍ରିୟ ହୋଇଥିବାରୁ ବିଭିନ୍ନ ପ୍ରକାରର ଗବେଷଣା ଜାରି ରଖିଆସିଛି । ସମସ୍ତ ପ୍ରକାରର କାର୍ଯ୍ୟକୁ ସହଜରେ ଓ ସୁବିଧାଜନକ ବନାଇବା ପ୍ରୟାସ ବି ସଫଳ ହୋଇଛି । ସେ ଉନ୍ନତତର ସୋପାନରେ ପାଦ ଥାପି ନିଜକୁ ଅପରାଜେୟ ଘୋଷଣା କରି ସାରିଛି!

ସାମାଜିକ ଗଣମାଧ୍ୟମର ଉପଯୋଗିତା

କାଳକ୍ରମେ ମୋବାଇଲ୍ ହାତକୁ ଆସିଲା, ସେତେବେଳେ ଅନୁଭୂତ ହେଲା ଯେ ଆଧୁନିକ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ହେଉଛି ସାମାଜିକ ଗଣମାଧ୍ୟମ। ଟେଲିଫୋନ୍ ଯୋଗେ କେବଳ କଥାବାର୍ତ୍ତା ସମ୍ଭବ ଥିଲା। କିନ୍ତୁ ମୋବାଇଲ୍ ଦ୍ୱାରା ପରସ୍ପରକୁ ଭିଡିଓ କଲ୍ ମାଧ୍ୟମରେ ପ୍ରତ୍ୟକ୍ଷ ଭାବ ଆଦାନ ପ୍ରଦାନ କରିହେଲା। ପାଠପଢ଼ାଠାରୁ ଆରମ୍ଭ କରି କିଣାବିକା, ଯିବା ଆସିବା ପାଇଁ ଟ୍ରେନ୍ କିମ୍ବା ଫ୍ଲାଇଟ୍ ଟିକେଟ୍, ମନୋରଞ୍ଜନ ପାଇଁ ଫିଲ୍ମ, ସିରିୟଲ୍, ବିଭିନ୍ନ ଗେମିଂ ଭିଡିଓ, ଦେଶ ବିଦେଶ ଓ ଆଞ୍ଚଳିକ ଖବର, ବୈଷୟିକ ଜ୍ଞାନକୌଶଳ, ଦରଦାମ ସବୁ କିଛି ଇଣ୍ଟର୍‌ନେଟ୍ ମାଧ୍ୟମରେ ସହଜତର ହେଲା । ଘରେ ଥାଇ ବିଜୁଳି ବିଲ୍, ପାଣି ବିଲ୍, ଇଣ୍ଟର୍‌ନେଟ୍ ବିଲ୍ , ଅନ୍‌ଲାଇନ୍ ମାର୍କେଟିଂ ସହିତ ବିଭିନ୍ନ ପ୍ରକାରର ଦେଣନେଣ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛି । ଆଜିକାଲି ପକେଟ୍‌ରେ ଆବଶ୍ୟକୀୟ ଅର୍ଥ ନଥିଲେ କିଣିବା ଅସମ୍ଭବ ହେଉନାହିଁ। ପ୍ରକାଶ ଥାଉ କି ଇଣ୍ଟରନେଟ୍ ଏକ ବୈଶ୍ୱିକ କମ୍ପ୍ୟୁଟର୍ ନେଟ୍‌ୱାର୍କ ଯାହା ମାଧ୍ୟମରେ ସମସ୍ତଙ୍କ ସହିତ ସମ୍ବନ୍ଧିତ ହେବା ସହଜ ହେଉଛି । ଘରେ ଥାଇ ବାହାରୁ ଖାଦ୍ୟ ମଗା ହୋଇପାରୁଛି ।

ସାମାଜିକ ଗଣମାଧ୍ୟମରେ ଛାତ୍ରଛାତ୍ରୀଙ୍କ ସଂପୃକ୍ତି

ଆବାଳବୃଦ୍ଧବନିତା ଇନ୍‌ଷ୍ଟାଗ୍ରାମ, ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଇ-ମେଲ୍, ୟୁ-ଟ୍ୟୁବ, ଏକ୍ସ (ଟ୍ୱିଟର୍)ରେ ଏପରି ଅଭ୍ୟସ୍ତ ହୋଇଗଲେଣି ଯେ, ମନେହେଉଛି ଏସବୁ ଆଜିକାଲିର ଦୈନନ୍ଦିନ ଆବଶ୍ୟକତା! ବିଦ୍ୟାର୍ଥୀଙ୍କ ପାଇଁ ଏହା ବେଶ୍ ଲାଭଦାୟକ । ଯେକୌଣସି ଜଟିଳ ସମସ୍ୟା ଅବିଳମ୍ବେ ସମାଧାନ ହୋଇପାରୁଛି । ବିଭିନ୍ନ ବିଷୟଭିତ୍ତିକ ଶିକ୍ଷା ବିଷୟରେ ଜାଣିହେଉଛି । ଆଜିକାଲି ଯେକୌଣସି ପ୍ରଶ୍ନର ଉତ୍ତର ପାଇବା ବେଶ୍ ସହଜସାଧ୍ୟ । ପ୍ରକାଶ ଥାଉ କି କୋଭିଡ୍ ସମୟରେ ଏହା ସମସ୍ତଙ୍କ ପାଇଁ ବରଦାନ ପାଲଟିଥିଲା । ସଂଗରୋଧ ହୋଇ ସୁଦ୍ଧା ପିଲାମାନେ ଗୁଗଲ୍ ମିଟ୍, ଜୁମ୍ ମାଧ୍ୟମରେ ଶିକ୍ଷା ଲାଭ କରିପାରିଥିଲେ । ସାମାଜିକ ଗଣମାଧ୍ୟମ ବିଦ୍ୟାର୍ଥୀମାନଙ୍କ ପାଇଁ ଜରୁରି ଆବଶ୍ୟକତା । ପରିବାର ସହିତ ସାଙ୍ଗମାନଙ୍କୁ ଯୋଡ଼ି ରଖିବାର ଅତ୍ୟାବଶ୍ୟକ ସାଧନ ।

ବିଦ୍ୟାର୍ଥୀଙ୍କ ଦରକାରୀ ବନ୍ଧୁ

କଥିତ ଅଛି- ଯେ ଆବଶ୍ୟକ ସମୟରେ ପାଖରେ ଛିଡ଼ା ହୁଏ ସେ ହିଁ ପ୍ରକୃତ ବନ୍ଧୁ । ସେ ହିସାବରେ ମୋବାଇଲ୍ ବନ୍ଧୁ ପଦବାଚ୍ୟ । ତା' ମାଧ୍ୟମରେ ବହୁ ସମସ୍ୟାର ନିରାକରଣ ସମ୍ଭବ ହୁଏ । ବହୁ ପ୍ରକାରର ବାଟ ଦେଖାଏ । ରୋଜଗାର ପନ୍ଥା ସହିତ ଭାଗ୍ୟ ନିର୍ଦ୍ଧାରଣ, ଉପଯୁକ୍ତ ଲକ୍ଷ୍ୟ ଚୟନ ଦିଗରେ ବେଶ୍ ସହାୟକ ହୁଏ । ଆଜିକାଲି ପାଠପଢ଼ାର ଚାପ ପିଲାମାନଙ୍କ ଚିନ୍ତାଚେତନାକୁ ସଂକୁଚିତ କରି ରଖିଥିବାବେଳେ ସାମାଜିକ ଗଣମାଧ୍ୟମ ସେମାନଙ୍କ କଳାକୁଶଳତାକୁ ପ୍ରଦର୍ଶିତ କରିବାକୁ ପ୍ରେରଣାର ଉତ୍ସ ପାଲଟିଛି । ନାଚ ଗୀତ ସଂପର୍କିତ ଜ୍ଞାନ ଆହରଣ କରିବା ସହଜତର ହେବା ସହିତ ନିଜ ବୁଦ୍ଧିମତା ଦ୍ୱାରା ୟୁ-ଟ୍ୟୁବ୍, ଇନ୍‌ଷ୍ଟାଗ୍ରାମ୍‌ରୁ ଅର୍ଥ ଉପାର୍ଜନ କରିପାରୁଛନ୍ତି ପିଲାମାନେ । ବୁଣାବୁଣି, ସିଲେଇ, ହେୟାର କଟିଂ ପରି ବିଭିନ୍ନ ବିଷୟଭିତ୍ତିକ ଶିକ୍ଷା ହାସଲ କରିବାର ସହଜସାଧ୍ୟ ମାଧ୍ୟମ ହେଉଛି ସାମାଜିକ ଗଣମାଧ୍ୟମ। ବିଦ୍ୟାର୍ଥୀଙ୍କ ବନ୍ଧୁ ପାଲଟି ବିସ୍ତୃତ ଜ୍ଞାନଭଣ୍ଡାର ସହିତ ସେମାନଙ୍କୁ ପରିଚିତ କରାଇଛି । ସେଥିପାଇଁ ଆଜିକାଲି ରୋଜଗାର କରିବା ବିକଟ ସମସ୍ୟା ହୋଇ ନାହିଁ। ଏତେ ପ୍ରକାରର ବ୍ୟବସ୍ଥାନୁସାରେ ପିଲାଟିଏ ଅନ୍ତତଃ ନିଜ ଭିତରର କ୍ଷମତାକୁ ବୁଝି ତଦନୁଯାୟୀ ଭବିଷ୍ୟତର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିପାରୁଛି ।

ଛୋଟିଆ ଯନ୍ତ୍ରର ବହୁବିଧ ରୂପ

ଛୋଟିଆ ଯନ୍ତ୍ରଟେ ବି ଜୀବନ ରକ୍ଷକ ହୋଇପାରେ। କୋମଳମତି ପିଲାଟିଏ ଯେଉଁଆଡ଼େ ଗଲେ ବି ତାର ଲୋକେସନ୍ ବା ସ୍ଥାନର ବିବରଣୀ ମିଳିବା ସହଜସାଧ ହୋଇଥିବାରୁ ହଠାତ୍ କୌଣସି ଆକସ୍ମିକ ଆବଶ୍ୟକତା ସମୟରେ ସେ ଆତ୍ମୀୟମାନଙ୍କ ସହିତ ସଂପର୍କିତ ହୋଇପାରୁଛି। କିମ୍ବା ବିଭିନ୍ନ ଟୋଲ୍ ଫ୍ରି ନମ୍ବର ଜରିଆରେ ପୋଲିସ୍‌ଙ୍କ ସହାୟତା ଲୋଡ଼ି ପାରୁଛି। ଆପାତକାଳୀନ ସୁବିଧା ପାଇବାକୁ ସାମାଜିକ ଗଣମାଧମ ସହାୟକ ହେଉଛି। ବିଭିନ୍ନ ପ୍ରକାରର ସୁବିଧା ଯୋଗାଇ ଦେଉଛି ସାମାଜିକ ଗଣମାଧମ। ମୋବାଇଲ୍ ଓ ଇଣ୍ଟରନେଟ୍ ମାଧ୍ୟମରେ ସେ ଗୋଟିଏ ଜାଗାରେ ବସି ସାରା ବିଶ୍ୱ ବିଷୟରେ ଜ୍ଞାନ ରଖିପାରୁଛି। ଆଜିକାଲି ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଅନ୍‌ଲାଇନ୍ କୋର୍ସ କରିବା ବେଶ୍ ସହଜ ହୋଇଯାଇଛି। ବିଭିନ୍ନ ପ୍ରବେଶିକା ପରୀକ୍ଷା ପାଇଁ ସ୍ୱତନ୍ତ୍ର କୋଚିଂ ଉପଲବ୍ଧ, ଯାହା ପାଇଁ ଆଉ ଦୂରସ୍ଥାନ ଯାତ୍ରା କରିବାକୁ ପଡୁନି। ବିଭିନ୍ନ ପ୍ରକାରର ପ୍ରଯୁକ୍ତି ବିଜ୍ଞାନ କ୍ଷେତ୍ରରେ ଏହା ମଧ ବେଶ୍ ସହାୟକ ପ୍ରମାଣିତ। କୌଣସି କାରଣବଶତଃ କ୍ଲାସ୍ ନକରିପାରିଲେ ୟୁ-ଟ୍ୟୁବ୍‌ରୁ ସେହି ବିଷୟ ସଂପର୍କିତ ବିଭିନ୍ନ କ୍ଲାସ୍ ମାଧ୍ୟମରେ ଜ୍ଞାନ ଆହରଣ କରିହେଉଛି। ବିଭିନ୍ନ ଆର୍ଟିକିଲ୍‌ରୁ ବିଭିନ୍ନ ପ୍ରସଙ୍ଗ ଉପଲବ୍ଧ ହୋଇଯାଏ। ଆଜିକାଲି ବିଭିନ୍ନ ବହିର ପିଡିଏଫ୍ ମଧ ସାମାଜିକ ଗଣମାଧମରେ ଉପଲବ୍ଧ ହେଲାଣି ଯାହା ଏକ ଶୁଭ ସୂଚନା। ଆଗକୁ କ୍ଷୟ ହୋଇ ଅସୁଥିବା ବହିଗୁଡ଼ିକ ଇ-ବହି ହିସାବରେ ଅନ୍‌ଲାଇନ୍‌ରେ ଗଚ୍ଛିତ ହୋଇ ରହିବାର ଯୋଜନା ରହିଛି। ପାଠାଗାରଗୁଡ଼ିକ ଇ-ପାଠାଗାରରେ ପରିଣତ ହୋଇସାରିଲାଣି। ତେଣୁ ନିମିଷକ ଭିତରେ ବହୁତ ଗୁଡ଼ିଏ ତଥ୍ୟ ମିଳିଯାଉଛି।

ଗୁଗଲ୍ ମ୍ୟାପ୍ ମାଧ୍ୟମରେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବା ଯେତିକି ସହଜ ବିଶ୍ୱର ଯେକୌଣସି ସ୍ଥାନ ବିଷୟରେ ଜାଣିବା ମଧ ସେତିକି ସହଜତର ହୋଇପାରିଛି। ଶାରୀରିକ ସୁସ୍ଥତା ପାଇଁ ବିଭିନ୍ନ ବ୍ୟାୟାମ ସହିତ ରୋଗ ଅନୁସାରେ ଆୟୁର୍ବେଦୀୟ ଚିକିତ୍ସା ସାମାଜିକ ଗଣମାଧମରୁ ହିଁ ଜାଣି ହେଉଛି ଯାହା ବିଦ୍ୟାର୍ଥୀ ଓ ସବୁ ବର୍ଗର ଲୋକଙ୍କ ପାଇଁ ଜରୁରି। ଆଜିକାଲି ଶିକ୍ଷକତତ୍ତ୍ୱ/ ଅଧ୍ୟାପକମାନେ ବିଭିନ୍ନ ବିଷୟ ସଂକ୍ରାନ୍ତୀୟ ଆଲୋଚନା ପାଇଁ ୟୁ-ଟ୍ୟୁବ୍‌ର ସାହାଯ୍ୟ ନେଉଥିବା ହେତୁ ପିଲାମାନଙ୍କ ପାଇଁ ସେସବୁ ସଂଗ୍ରହଣୀୟ ହୋଇପାରୁଛି। ନୋଟ୍ ଓ ପିଡିଏଫ୍‌ରୁ ସେମାନେ ସବିଶେଷ ତଥ୍ୟ ପାଇପାରୁଛନ୍ତି। ନିମିଷକ ଭିତରେ ଯେକୌଣସି କଷ୍ଟକର ପ୍ରଶ୍ନକୁ ଅଚିରେ ସମାଧାନ କରିପାରୁଛନ୍ତି। ସାମାଜିକ ଗଣମାଧମ ଆଜିକାଲି ବିଦ୍ୟାର୍ଥୀମାନଙ୍କ ବନ୍ଧୁ ପାଲଟିଛି କହିଲେ ଭୁଲ୍ ହେବ ନାହିଁ।

ଅପକାରିତା

- ପ୍ରତ୍ୟେକ ଜିନିଷର ଅପକାରିତା ରହିଥିବା ପରି ସାମାଜିକ ଗଣମାଧମର ବି ଅପକାରିତା ରହିଛି। କାଳକ୍ରମେ ମଣିଷ ଯନ୍ତ୍ରର ଦାସ ପାଲଟି ଯାଇଛି। ବିଦ୍ୟାର୍ଥୀମାନେ ସାମାଜିକ ଗଣମାଧମ ଉପରେ ଅତିମାତ୍ରାରେ ନିର୍ଭରଶୀଳ ହୋଇପଡୁଥିବାରୁ ନିଜସ୍ୱ ମୌଳିକତା ବାଧାପ୍ରାପ୍ତ ହେଉଛି। ସାମାଜିକ ଗଣମାଧମର ମୁଖ୍ୟସ୍ରୋତ ମୋବାଇଲ୍ ବନ୍ଧୁର ଭୂମିକାକୁ ଅପହରଣ କରିନେଇଥିବାରୁ ସେମାନେ ଏକାକୀ ପାଲଟି ଯାଉଛନ୍ତି। ଏଆଇ ପରି ଟୁଲ୍ ଭବିଷ୍ୟତରେ ହେବାକୁ ଥିବା ଭୟଙ୍କର ପରିଣାମକୁ ଯେକୌଣସି ରୂପ ଦେଇପାରେ ବୋଲି ଅସ୍ୱୀକାର କରିହେବନି। କହିବା ବାହୁଲ୍ୟ ଆମ ଦେଶର ମୋଟ ଜନସଂଖ୍ୟାର ଶତକଡା ୭୯-୮୦ ଭାଗ ଲୋକଙ୍କ ହାତରେ ମୋବାଇଲ୍ ଫୋନ୍। ସେଥିମଧ୍ୟରୁ ଶତକଡା ୪୧ ଭାଗ ଲୋକ ଇଣ୍ଟର୍‌ନେଟ୍ ବ୍ୟବହାରକାରୀ। ଏଥିରୁ ଅନୁମେୟ ସାମାଜିକ ଗଣମାଧମ ସହିତ ଲୋକେ କେତେମାତ୍ରାରେ ଜଡିତ ଅଛନ୍ତି! ତେଣୁ ନିଜସ୍ୱ ମୌଳିକ ଚିନ୍ତା ଚେତନା ସାମାଜିକ ଗଣମାଧମ ଦ୍ୱାରା ପ୍ରଭାବିତ ହେଉଛି!
- ଆଜିକାଲି ଅସଂଖ୍ୟ ଟିଭି ଚ୍ୟାନେଲ୍। ସବୁଠି ବିଭିନ୍ନ ବିଷୟରେ ତର୍କବିତର୍କ, ଭିନ୍ନ ସମାଧାନ। ପିଲାମାନେ କୋମଳମତି ହୋଇଥିବାରୁ ଅନ୍ଧ ସମର୍ଥକ ହେବାରେ କୌଣସି ବାଧକ ନାହିଁ। ପୁଣି ଲୋକମାନଙ୍କ ଟ୍ରୋଲ୍ ପ୍ରକ୍ରିୟାଟି ଖୁବ୍ ଭୟାନକ। ଅତୀତରେ ଟ୍ରୋଲିଂ ଭୟରେ ଅନେକ ଆତ୍ମହତ୍ୟା କରିଥିବାର ନଜିର୍ ଅଛି। କେବେକେବେ କୌଣସି ଦଙ୍ଗା ବା ହିଂସା ସାମାଜିକ ଗଣମାଧମ ଦ୍ୱାରା ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ଏହା ବିଦ୍ୟାର୍ଥୀଙ୍କ ଉପରେ କୁପ୍ରଭାବ ପକାଉଛି।
- ପିଲାମାନେ ଉଦ୍ଭ୍ରାନ୍ତ ହେବାରେ ବାଟ ଅନେକ- ଅତି ସଂବେଦନଶୀଳ ବିଷୟ ଯେତେବେଳେ ପିଲାମାନଙ୍କ ପାଇଁ ସାଧାରଣ ହୋଇଯାଏ, ସେତେବେଳେ ପିଲାମାନେ ଭୁଲ୍ କରିବସନ୍ତି। କାରଣ ଇଣ୍ଟରନେଟ୍ ମାଧ୍ୟମରେ ଭଲମନ୍ଦ ଉଭୟ ବିଷୟରେ ଜାଣିହୁଏ। ଯେଉଁ ବୟସରେ ପିଲାମାନେ ପ୍ରାୟତଃ ଭୁଲ୍ କରିଥାନ୍ତି ସେ ବୟସରେ ମୋବାଇଲ୍ ତାଙ୍କ ବନ୍ଧୁ ପାଲଟି ଯାଇଥାଏ। କାରଣ ପାଠପଢ଼ା ସହ ଆବଶ୍ୟକୀୟ ସରଞ୍ଜାମ ପାଲଟି ସାରିଥାଏ ସେ ଛୋଟିଆ ଯନ୍ତ୍ରଟି। ବହିଖାତା ବଦଳରେ ସେମାନଙ୍କ ହାତରେ ଥିବା ମୋବାଇଲ୍ କେବେକେବେ ବୋମା ପାଲଟିଯାଏ! ନିଶା ସେବନ, ଓଟିଟି, ନେଟ୍ ଫ୍ଲିକ୍ସ ସହିତ ବିଭିନ୍ନ ବ୍ଲୁ ଫିଲ୍ମ ପିଲାମାନଙ୍କ ମାନସିକତା ବଦଳାଇ ଦିଏ। ସେମାନଙ୍କ ମନର କୋମଳତାକୁ ନଷ୍ଟ କରିବାରେ ସହାୟକ ହୁଏ। ଯେଉଁ ମନୋରଞ୍ଜନ ପରିବାର ଭିତରେ ଆତ୍ମୀୟସ୍ୱଜନଙ୍କ ମେଳରେ ସଂପର୍କଗୁଡ଼ିକୁ ଗାଢ଼ ଓ ସୁଦୃଢ଼ କରିବା କଥା ସେସବୁ ମୋବାଇଲ୍ ଓ ସାମାଜିକ ଗଣମାଧମ ଦ୍ୱାରା ଉପେକ୍ଷିତ ହୋଇଯାଏ।
- କେବେକେବେଅଜଣାଲିଙ୍କ୍‌ଦ୍ୱାରାବ୍ଲାକ୍‌ମେଲିଂରଶିକାରହେବାକୁପଡ଼େ।ଜୁଆଖେଳପରିକିଛିଖେଳରେମାତି ଛାତ୍ରବର୍ଗ କୁପଥଗାମୀ ହୋଇଥାନ୍ତି। ବିଭିନ୍ନ ଅଶ୍ଳୀଳ ଫିଲ୍ମ ଦେଖିବା ଦ୍ୱାରା ନିଜ ଭବିଷ୍ୟତକୁ ନଷ୍ଟ କରି ବସନ୍ତି। ସାମାଜିକଗଣମାଧମକୁନିୟନ୍ତ୍ରିତକରିବାକୁସରକାରସେଭଳିଆଖିଦୃଶିଆପଦକ୍ଷେପନେଉନଥିବାରୁଏହାସମାଜ ଉପରେ ଗଭୀର କୁପ୍ରଭାବ ପକାଇ ଚାଲିଛି। ବିଭିନ୍ନ ଅଶ୍ଳୀଳ ମତାମତ ବିଦ୍ୟାର୍ଥୀମାନଙ୍କୁ ପ୍ରଭାବିତ କରିବା ମାମୁଲି କଥା ପାଲଟିଛି। ସେଥିପାଇଁ ଆଜିକାଲି ପିଲାମାନେ ବିଭିନ୍ନ ପ୍ରକାରର କୁଭାଷା ପ୍ରୟୋଗ କରିବାକୁ ପଛାଉ ନାହାନ୍ତି। ସେମାନଙ୍କ ଉଶୃଙ୍ଖଳ ପାଲଟିଯାଉଛନ୍ତି।
- ସାମାଜିକ ଗଣମାଧମ ସକାରାତ୍ମକ ଜିନିଷକୁ ଯେତିକି ପରିମାଣରେ ପ୍ରଚାର ପ୍ରସାର କରୁଛି ନକାରାତ୍ମକତାକୁ ବି ସମପରିମାଣରେ ପ୍ରସାର କରୁଛନ୍ତି। ଯାହା ପିଲାମାନଙ୍କ ବ୍ୟବହାର ସହିତ ଜୀବନକୁ ବି ପ୍ରଭାବିତ କରି ରଖିଛି। ଭୁଲ୍ ତଥ୍ୟ ଦ୍ୱାରା ହିଂସାକୁ ବ୍ୟାପକ କରିବାର ଷଡ଼ଯନ୍ତ୍ର ନିମିଷକ ଭିତରେ ପିଲାମାନଙ୍କ ଜୀବନକୁ ବଦଳାଇ ଦେଉଛି। ବିଭିନ୍ନ ସ୍ରୋତରୁ ଚ୍ୟାଟିଂ ମାଧ୍ୟମରେ ଖୁବ୍ ସହଜରେ ପ୍ରେମ ସଂପର୍କ ଯୋଡ଼ି କୁପଥଗାମୀ ହେବା ବି ଖୁବ୍ ସହଜ ହୋଇଯାଇଛି ଆଜିକାଲି। ତାହା ପୁଣି ଜଣକରେ ସୀମିତ ନୁହେଁ ବରଂ ଏକାଧିକ ପ୍ରେମ ସଂପର୍କ ଯୋଗୁଁ ପିଲାମାନେ ନୀତିଭ୍ରଷ୍ଟ ହେଉଛନ୍ତି। ଅବିଶ୍ୱାସର ପାଚେରୀ ଉଠୁଛି। ଫଳରେ ଆଗାମୀ ପିଢି ସଂସ୍କୃତି ଓ ପରମ୍ପରାଚ୍ୟୁତ ହୋଇ ଭୁଲ୍ ବାଟକୁ ଚାଲି ଯାଉଛନ୍ତି। କେବେକେବେ ଭ୍ରମାତ୍ମକ ତଥ୍ୟର ପ୍ରସାର ବୃଦ୍ଧି ପାଉଛି।
- ଭିଡିଓ ଗେମିଂର ଶିକାର ହୋଇ ଅନେକ ଛାତ୍ର ଆଗରୁ ଆତ୍ମହତ୍ୟା କରିସାରିଛନ୍ତି କାରଣ ଅତ୍ୟଧିକ ସାମାଜିକ ଗଣମାଧମର ବ୍ୟବହାର ମନ ଓ ମସ୍ତିଷ୍କକୁ ଚାପଗ୍ରସ୍ତ କରିବା ସହିତ ବିଚାର ଶକ୍ତିକୁ ଆକ୍ରାନ୍ତ କରିଥାଏ। ଭୁଲ୍ ଠିକ୍‌ର ଚୟନ କରିବା ଅସମ୍ଭବ ହୋଇଯାଏ ସେମାନଙ୍କ ପକ୍ଷେ। ନିଜ ବାପାମାଆଙ୍କ କଥାକୁ ବି ସେମାନେ ହୃଦୟଙ୍ଗମ କରିବାକୁ ଇଚ୍ଛା କରନ୍ତି ନାହିଁ। କାରଣ ସାମାଜିକ ଗଣମାଧମ ସେମାନଙ୍କ ଅଧିକାଂଶ ଆବଶ୍ୟକତାକୁ ପୂର୍ଣ୍ଣ କରିଥାଏ। ସଂପର୍କଗୁଡ଼ିକକୁ ନଷ୍ଟ କରିବାର ସାଧନ ବି ସାମାଜିକ ଗଣମାଧମ କହିଲେ ଭୁଲ୍ ହେବ ନାହିଁ।
- ବିଭିନ୍ନ ଚାପର ଶିକାର ହୋଇ ମାନସିକ ଅବସାଦଗ୍ରସ୍ତ ହୁଅନ୍ତି ସେମାନେ ଯାହାର ନିରାକରଣ ଅସମ୍ଭବ। ଅତ୍ୟଧିକ ମୋବାଇଲ୍ ଦେଖିବା ଯୋଗୁଁ ଡିପ୍ରେସନ୍‌ର ଶିକାର ହୁଅନ୍ତି କିଛି ପିଲା। ନିଜକୁ ବିଜ୍ଞପିତ କରିବାର ଉପଯୁକ୍ତ ସାଧନ ହୋଇଥିବାରୁ ଆତ୍ମବିଜ୍ଞପିତ କରିବାର ପ୍ରବଳ ଉତ୍ସାହ ନିଜର ମୌଳିକତା ମାରିଦିଏ। ପ୍ରତିଦ୍ୱନ୍ଦ୍ୱିତାମୂଳକ ଦୁନିଆରେ ସାମାଜିକ ଗଣମାଧମର ଫେସବୁକ୍, ହ୍ୱାଟ୍‌ସଆପ, ଇନ୍‌ଷ୍ଟାଗ୍ରାମ୍ ପରି ଆପ୍‌ଗୁଡ଼ିକ ପିଲାମାନଙ୍କୁ ଯେତିକି ଉତ୍ସାହିତ କରେ ସେତିକି ଚାପଗ୍ରସ୍ତ ବି କରାଏ। ଅନ୍ୟଜଣେ କରିପାରୁଛି ମୁଁ ପାରୁନି- ଏହି ମାନସିକତା କେବେକେବେ ଗୋଟେ ପିଲାକୁ ଭୀଷଣ ଭାବେ ଆକ୍ରାନ୍ତ କରେ ଯାହା ଫଳରେ ସେ ଅନ୍ୟମନସ୍କତାର ଶିକାର ହୋଇ ଅସ୍ୱାଭାବିକ ହୋଇଯାଏ।

ସରକାରଙ୍କ ତରଫରୁ କିଛି ନୀତି ନିୟମ, ପ୍ରତିବନ୍ଧକ ବନା ଗଲେ ବିଦ୍ୟାର୍ଥୀମାନଙ୍କ ପାଇଁ ସାମାଜିକ ଗଣମାଧମ ବ୍ୟବହାରକୁ ସୀମିତ କରି ହୁଅନ୍ତା। ଯାହା ଫଳରେ ସେମାନେ କେବଳ ଉପଯୋଗୀ ବିଷୟକୁ ହିଁ ଜାଣିପାରନ୍ତେ ଜ୍ଞାନ ଆହରଣ ପାଇଁ। ଯାହା ସମାଜ ଓ ବ୍ୟକ୍ତିବିଶେଷ ପାଇଁ କ୍ଷତିକାରକ ସେଭଳି ଜିନିଷକୁ ବାଦ୍ ଦେବା ବା ସୀମିତ ରଖିବା ଉଚିତ୍। ଯାହା ଫଳରେ ବିଦ୍ୟାର୍ଥୀମାନେ ଶୃଂଖଳିତ ହୋଇପାରନ୍ତେ। ■

ମୋ: ୯୪୩୭୩୧୭୦୨୬

ଯୁବ ମନ ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ

ଡ. ଅନ୍ତର୍ଜିତା ନାୟକ

ଆଜିର ଯୁବପିଢ଼ିଙ୍କ ପାଇଁ ସାମାଜିକ ଗଣମାଧ୍ୟମ କୌଣସି ଏକ ବାହ୍ୟ ପ୍ରଭାବ ନୁହେଁ, ବରଂ ଏକ ଆନ୍ତଃପରିବେଶ । ଏକ ପରିବେଶ, ଯେଉଁଥିରେ ଆମ ପିଲାମାନେ ଆଜିକାଲି ବଡ଼ ହେଉଛନ୍ତି, ଜ୍ଞାନ ଆହରଣ କରୁଛନ୍ତି, ଅନୁକରଣ କରୁଛନ୍ତି, କିଛି କାମରେ ଲଗାଉଛନ୍ତି, କିଛି ବାଟବଣା ହୋଇଯାଉଛନ୍ତି । ସାମାଜିକ ଗଣମାଧ୍ୟମ, ଆଜି ବ୍ୟକ୍ତି, ବ୍ୟକ୍ତିତ୍ୱ, ସାମାଜିକ, ଅର୍ଥନୈତିକ ଓ ସାମଗ୍ରିକ ଅଭିବୃଦ୍ଧିର ଏକ ଅବିଚ୍ଛେଦ୍ୟ ଅଙ୍ଗ । ବାଲ୍ୟାବସ୍ଥା ହେଉ ବା କିଶୋରାବସ୍ଥା ହେଉ, ଏମିତିକି ବୃଦ୍ଧାବସ୍ଥା ମଧ୍ୟ ହେଉ ନା କାହିଁକି, ମଣିଷ ଜୀବନର ପ୍ରତ୍ୟେକ ପର୍ଯ୍ୟାୟ, ଆଜି କେବଳ ପରିବାର, ପାରିବାରିକ ସମ୍ପର୍କ, ଶ୍ରେଣୀଗୃହ, ଖେଳପଡ଼ିଆ ବା ବନ୍ଧୁତା ଦ୍ୱାରା ନୁହେଁ, ବରଂ ଆଲ୍‌ଗୋରିଦମ୍, ଟାଇମ୍‌ଲାଇନ୍, ବିଜ୍ଞପ୍ତି ଏବଂ ଅଦୃଶ୍ୟ ଦର୍ଶକଙ୍କ ଦ୍ୱାରା ଗଠିତ, ପ୍ରେରିତ, ଅନୁପ୍ରାଣିତ ଓ ପ୍ରଭାବିତ । ଗଣମାଧ୍ୟମ ସାଙ୍ଗକୁ ସ୍ମାର୍ଟଫୋନ୍ ଆଜି ବିକାଶର ସାଥୀ ପାଲଟିଛି । ଯୁବପିଢ଼ିଙ୍କ ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ କେତେ କ୍ଷତିକାରକ ବା କେତେ ଲାଭଦାୟକ, ଗଣମାଧ୍ୟମକୁ ଯୁବପିଢ଼ି କିପରି ବ୍ୟବହାର କରନ୍ତି, ତାହାସହିତ କି ସମ୍ପର୍କ ସ୍ଥାପନ କରନ୍ତି, ତାହାଠାରୁ କ'ଣ ଆକାଂକ୍ଷା କରନ୍ତି ଏବଂ ନିଜକୁ ସାମାଜିକ ଗଣମାଧ୍ୟମ ସହିତ କିପରି କଳ୍ପନା କରନ୍ତି, ତାହା ଉପରେ ନିର୍ଭର କରେ । ବିଶ୍ୱସ୍ତରରେ, ସାମାଜିକ ଗଣମାଧ୍ୟମ ସହିତ ଯୁବପିଢ଼ିଙ୍କ ସମ୍ପୃକ୍ତି ପ୍ରାୟ ସାର୍ବଜନୀନ । ଆନ୍ତର୍ଜାତୀୟ ସର୍ବେକ୍ଷଣ ଦର୍ଶାଏ ଯେ, ଅଧିକାଂଶ କିଶୋର, ତେର ବର୍ଷ ବୟସ ପୂର୍ବରୁ ସାମାଜିକ ଗଣମାଧ୍ୟମ ବ୍ୟବହାର କରିବା ଆରମ୍ଭ କରିଦିଅନ୍ତି ଏବଂ ଦିନକୁ ଏକାଧିକ ଘଣ୍ଟା ଅନଲାଇନ୍‌ରେ ବିତାନ୍ତି । ଟେଲିଭିଜନ କିମ୍ବା ପ୍ରିଣ୍ଟମିଡିଆଠାରୁ ଭିନ୍ନ, ସୋସିଆଲ୍ ମିଡିଆ ବା ସାମାଜିକ ଗଣମାଧ୍ୟମ, ଇଣ୍ଟରାକ୍ଟିଭ୍ ଏବଂ ଆଡାପ୍ଟିଭ୍, ଯାହା କ୍ରିୟା, ପ୍ରତିକ୍ରିୟା, ବ୍ୟକ୍ତିଗତକରଣ, ତିରସ୍କାର ଏବଂ ପୁରସ୍କାର ଆଧାରିତ । ଏହା ବ୍ୟବହାରକାରୀଙ୍କ ଆବେଗିକ ଢାଞ୍ଚାର ମୂଲ୍ୟାୟନ କରି, ସେହି ଅନୁଯାୟୀ ବିଷୟବସ୍ତୁ ପରିବେଷଣ କରେ । ଏହି ପାରସ୍ପରିକ କ୍ରିୟା ହେଉଛି ଏହାର ଶକ୍ତି ଏବଂ ମନସ୍ତାତ୍ତ୍ୱିକ ବିପଦର ଉତ୍ସ । ଭାରତରେ ଏହି ପରିବର୍ତ୍ତନ ବ୍ୟାପକ । ଭାରତର ଜନସଂଖ୍ୟାର ପ୍ରାୟ ଏକ ତୃତୀୟାଂଶ ବର୍ତ୍ତମାନ ସାମାଜିକ ଗଣାମଧରେ ସକ୍ରିୟ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ଏହାର ଅନୁପ୍ରବେଶ ଉଲ୍ଲେଖନୀୟ ଭାବରେ ଅଧିକ । ଯୁବପିଢ଼ି ଓ ସାମାଜିକ ଗଣମାଧ୍ୟମ ମଧ୍ୟରେ ଥିବା ସମ୍ପର୍କ ବା ନିଶାକୁ ବିଶ୍ଳେଷଣ କରିଲେ ମନେହୁଏ ଯେ, ଏହା ଆଧୁନିକ ସାମାଜିକୀକରଣର ଅବସ୍ଥା ଭାବେ ଉଭା, ଯାହାକୁ ଆଉ ନା ତ କାଟି ହେବ, ନା ତ ଏଡ଼ାଇ ହେବ, ନା ତ ସହି ହେବ ।

ମାନସିକ ସ୍ୱାସ୍ଥ୍ୟ : ସାମାଜିକ ଗଣମାଧ୍ୟମ ପରଦା ପଛର ସମସ୍ୟା



ସାମାଜିକ ଗଣମାଧ୍ୟମର ଏହି ଲାଭ ସହିତ ଏକ ଗମ୍ଭୀର ତଥା ଗଭୀର ଚିନ୍ତାଜନକ ଧାରା ମଧ୍ୟ ରହିଛି । ଗତ ଏକ ଦଶନ୍ଧି ମଧ୍ୟରେ, ଭାରତରେ ଯୁବପିଢ଼ିଙ୍କ ମଧ୍ୟରେ ଉଦ୍‌ବେଗ, ଅବସାଦ, ଏକାକୀତ୍ୱ ଏବଂ ଭାବପ୍ରବଣତା କ୍ରମାଗତ ଭାବେ ବୃଦ୍ଧି ପାଇଛି, ଯାହା ତୀବ୍ର ଡିଜିଟାଲ୍ ସମ୍ପୃକ୍ତି ସହିତ ଜଡ଼ିତ । ଜାତୀୟ ଏବଂ ଆଞ୍ଚଳିକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ, ୫୦%ରୁ ଅଧିକ ଭାରତୀୟ ଯୁବକ ସାମାଜିକ ଗଣମାଧ୍ୟମ କିମ୍ବା ଗେମିଂ ପ୍ଲାଟ୍‌ଫର୍ମରେ ନିଜର ବହୁମୂଲ୍ୟ ସମୟ ବିତାଉଛନ୍ତି, ଯାହା ମାନସିକ ସ୍ୱାସ୍ଥ୍ୟ ବିପଦ ବୃଦ୍ଧି ସହିତ ବିଶ୍ୱବ୍ୟାପୀ ଅନେକ ସାମାଜିକ ଓ ଆର୍ଥିକ ସମସ୍ୟା ଉତ୍ପନ୍ନ କରୁଛି । ଭାରତରେ କ୍ଲିନିକାଲ୍ ଏବଂ କ୍ରସ୍-ସେକ୍ସନାଲ୍ ଅଧ୍ୟୟନ ଦର୍ଶାଏ ଯେ, ସାମାଜିକ ଗଣମାଧ୍ୟମର ବ୍ୟବହାର, ଉଚ୍ଚ ସ୍ତରର ଚାପ, ଉଦ୍‌ବେଗ, ଅବସାଦ ଲକ୍ଷଣ ଏବଂ ଭାବପ୍ରବଣ ବିଶୃଙ୍ଖଳା ସହିତ ଜଡ଼ିତ । ଗୋଟିଏ ପ୍ରମୁଖ କାରଣ ହେଉଛି ନିଦ୍ରାରେ ବ୍ୟାଘାତ । ବିଳମ୍ବିତ ରାତିରେ ସ୍କ୍ରୋଲିଂ, ନିରନ୍ତର ବିଜ୍ଞପ୍ତି ଏବଂ ହଜିଯିବାର କିମ୍ବା ହରାଇ ଦେବାର ଭୟ (FOMO), ଯୁବକମାନଙ୍କ ମଧ୍ୟରେ ବ୍ୟାପକ ନିଦ୍ରାହୀନତା ସୃଷ୍ଟି କରିଥାଏ, ଯାହା ଫଳସ୍ୱରୂପ ଧ୍ୟାନ, ଏକାଗ୍ରତା, ଚିନ୍ତନ ଓ ଶିକ୍ଷଣ ପ୍ରଦର୍ଶନ ଉପରେ ପ୍ରଭାବ ପକାଇଥାଏ । ଅଧ୍ୟୟନରୁ ଏହା ମଧ୍ୟ ଜଣାପଡ଼ିଛି ଯେ, ଯୁବତୀମାନେ, ଯୁବକଙ୍କ ଅପେକ୍ଷା ସାମାଜିକ ଗଣମାଧ୍ୟମ ବ୍ୟବହାର ସହିତ ଜଡ଼ିତ ଅବସାଦର ଅଧିକ ଶିକାର ହୁଅନ୍ତି, ଯାହା ସେମାନଙ୍କର ସଫଳତା ଏବଂ ସାମାଜିକ ଅନୁମୋଦନକୁ ନେଇ ଏକ ଚାପ ସୃଷ୍ଟି କରିଥାଏ । ଆଜିର ଯୁବପିଢ଼ି ଅନ୍ୟମାନଙ୍କ ଜୀବନ ଦ୍ୱାରା ଅତ୍ୟଧିକ ପ୍ରଭାବିତ । ସାମାଜିକ ଗଣମାଧ୍ୟମରେ ହିଁ ଜଣେ ସେୟା ଦେଖାଏ, ଯାହା ସେ ଦେଖାଇବାକୁ ଚାହେଁ । ସେଠି ଦିଶେ ନାହିଁ ସଂଘର୍ଷ, ଅସମ୍ପୂର୍ଣ୍ଣତା ଏବଂ ବିଫଳତା । ଯେତେବେଳେ ଯୁବକମାନେ ବାରମ୍ବାର ସେଇ ଚମକପ୍ରଦ ଡିଜିଟାଲ୍ ଜୀବନକୁ ଦେଖନ୍ତି, ସେମାନେ ଏହି ଅବାସ୍ତବ ପ୍ରତିଛବି ବିରୁଦ୍ଧରେ ନିଜ ବାସ୍ତବ ଜୀବନକୁ ମାପିବା ଆରମ୍ଭ କରିଦିଅନ୍ତି । ଇନ୍‌ଷ୍ଟାଗ୍ରାମ୍, ସ୍ନାପ୍‌ଚାଟ୍ ଏବଂ ସର୍ଟ-ଭିଡିଓ ଆପ୍ ଭଳି ଭିଜୁଆଲ୍ ପ୍ଲାଟ୍‌ଫର୍ମ ଏହି ପ୍ରଭାବକୁ ଅଧିକ ଶକ୍ତିଶାଳୀ କରିଥାଏ । ସାମାଜିକ ଗଣମାଧ୍ୟମର ପ୍ରକୋପରେ ଯୁବପିଢ଼ି ନିଜକୁ ସବୁବେଳେ ଅନ୍ୟମାନଙ୍କ ସହିତ ତୁଳନା

ସୁଯୋଗ ଓ ସାମାଜିକ ପୁଞ୍ଜି

ଭାରତର ବିଶାଳ ସାମାଜିକ-ଅର୍ଥନୈତିକ ବିବିଧତା ମଧ୍ୟରେ, ସାମାଜିକ ଗଣମାଧ୍ୟମ ଏକାଧିକ ସହାୟକ ଭୂମିକା ଗ୍ରହଣ କରେ । ଦୁର୍ଗମ, ଆଦିବାସୀ କିମ୍ବା ଆର୍ଥିକ ଦୃଷ୍ଟିରୁ ସୀମିତ ଅଞ୍ଚଳର ଛାତ୍ରଛାତ୍ରୀମାନଙ୍କ ପାଇଁ, ସାମାଜିକ ଗଣମାଧ୍ୟମ ପ୍ରାୟତଃ ଆନୁଷ୍ଠାନିକ ଭିତ୍ତିଭୂମିରେ ଥିବା ଶୂନ୍ୟସ୍ଥାନକୁ ପୂରଣ କରିଥାଏ ।

ସାମାଜିକ ଗଣମାଧ୍ୟମ, ପରିଚୟ ଅନ୍ୱେଷଣ ଏବଂ ସୃଜନଶୀଳ ଅଭିବ୍ୟକ୍ତି ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ଉଭା ହୋଇଛି । ଯୁବାବସ୍ଥା ବା କିଶୋରାବସ୍ଥା ହେଉଛି ଅନୁସନ୍ଧାନର ଏକ ସମୟ । ସାମାଜିକ ଗଣମାଧ୍ୟମ ଯୁବକମାନଙ୍କୁ ସୃଜନଶୀଳତା ପ୍ରଦର୍ଶନ କରିବାକୁ, ନିଜ କାହାଣୀ ବାଣ୍ଟିବାକୁ, କଳା ଓ ଦକ୍ଷତା ପ୍ରଦର୍ଶନ କରିବାକୁ ଏବଂ ବୈଧତା ଗ୍ରହଣ କରିବାକୁ ଏକ ବିଶାଳ ଓ ବିବିଧ ସୁଯୋଗ ଯୋଗାଇ ଦିଏ । ଅନେକ ଯୁବକମାନଙ୍କ ପାଇଁ-ବିଶେଷକରି ଝିଅମାନଙ୍କ ପାଇଁ, ଏଲଜିବିଟିକ୍ୟୁ (LGBTQ+), କିଶୋର, ଭିନ୍ନକ୍ଷମ ବ୍ୟକ୍ତି ଏବଂ ଅବହେଳିତ ସାମାଜିକ ପୃଷ୍ଠଭୂମିର ଛାତ୍ରଛାତ୍ରୀଙ୍କ

ପାଇଁ ସାମାଜିକ ଗଣମାଧ୍ୟମ ଏକ ନିଶ୍ଚିତ ଏବଂ ଭାବପ୍ରବଣ ସୁରକ୍ଷା ପ୍ରଦାନ କରିଥାଏ । ଜଳବାୟୁ ସଚେତନତା, ମାନସିକ ସ୍ୱାସ୍ଥ୍ୟ ଅଭିଯାନ, ଛାତ୍ର ଆନ୍ଦୋଳନ ଏବଂ ଲିଙ୍ଗ-ନ୍ୟାୟ ବାର୍ତ୍ତାଳାପକୁ, ସାମାଜିକ ଗଣମାଧ୍ୟମ ଜରିଆରେ ଦୃଢ଼ ଭାବରେ ମଧ୍ୟସ୍ଥତା କରାଯାଇପାରୁଅଛି ଓ ସାମାଜିକ ସଚେତନତା ଅଣାଯାଇପାରୁଛି । ଆନୁଷ୍ଠାନିକ ଗଣତାନ୍ତ୍ରିକ ଭାବେ, ସାମାଜିକ ଗଣମାଧ୍ୟମ, ଯୁବକମାନଙ୍କୁ ମତାମତ ବ୍ୟକ୍ତ କରିବା, ସାଥୀମାନଙ୍କୁ ଏକତ୍ରିତ କରିବା ଏବଂ ରାଜନୈତିକ ବିଚାର ପାଇଁ ଏକ ପ୍ଲାଟଫର୍ମ ଯୋଗାଇଦେଇଛି । ଆଜି ସାମାଜିକ ଗଣମାଧ୍ୟମ ବହୁ ପରିମାଣରେ ରାଜନୈତିକ ସଚେତନତା, ଅର୍ଥନୈତିକ ସାକ୍ଷରତା, ରୋଜଗାର ପନ୍ଥା ଏବଂ ସାମାଜିକ ଚେତନା ସୃଷ୍ଟି କରିପାରିଛି । ସେଥିପାଇଁ ଆଜି ବଣମଲ୍ଲୀଟିଏ ବଣରେ ଫୁଟି ଆଉ ବଣରେ ମଉଳୁ ନାହିଁ, ବରଂ ନିଜ ବାସ୍ନା ଓ ସୌନ୍ଦର୍ଯ୍ୟରେ ସମସ୍ତଙ୍କୁ ଲାଭାନ୍ୱିତ କରୁଛି, ସମସ୍ତଙ୍କ ମନକୁ ମୁଗ୍ଧ କରି, ନିଜର ଚାହିଦା ବିସ୍ତାର କରୁଛି ।

କରିଦେବା ଆରମ୍ଭ କରିଦିଅନ୍ତି, ଯାହା ଆଗକୁ ଯାଇ ପାରିବାରିକ କହଳ, ଅପରାଧ, ଆତ୍ମଦ୍ୱନ୍ଦ୍ୱ, ଆତ୍ମବିଶ୍ୱାସରେ ହାନୀ, ଭଳି ସମସ୍ୟା ଉତ୍ପନ୍ନ କରିଥାଏ । ଯୁବପିଢ଼ି, ଏହି ସାମାଜିକ ଗଣମାଧ୍ୟମର ଅତ୍ୟଧିକ ଅନୁସରଣ ଓ ଅନୁକରଣ ଫଳରେ, ନିଜ ଭିତରେ ଥିବା ଦକ୍ଷତା ଓ କ୍ଷମତାକୁ ତର୍ଜମା କରିବା ପରିବର୍ତ୍ତେ, ନିଜ ସହ ଦ୍ୱନ୍ଦ୍ୱ କରନ୍ତି । କେତେବେଳେ ସେମାନଙ୍କୁ ଲାଗେ ସେମାନଙ୍କ ଶାରୀରିକ ପ୍ରତିଛବି ଅନ୍ୟ ମାନଙ୍କ ତୁଳନାରେ ଖରାପ, ଯେପରି ଖୁବ୍ ପତଳା, ଖୁବ୍ ମୋଟା, ଖୁବ୍ କଳା, କିମ୍ବା ସେମାନେ ଯଥେଷ୍ଟ ଲୋକପ୍ରିୟ ନୁହଁନ୍ତି । ଆଉ କେତେବେଳେ ସେମାନଙ୍କୁ ଲାଗେ, ଯେ ସେମାନେ ଆର୍ଥିକ ବା ବୌଦ୍ଧିକ ଭାବରେ ଅନ୍ୟମାନଙ୍କ ତୁଳନାରେ ବହୁତ ପଛରେ, ଯାହା ସେମାନଙ୍କ ମଧ୍ୟରେ ମାନସିକ ସମସ୍ୟା ସୃଷ୍ଟି କରିଥାଏ, ଯାହାଫଳରେ ସେମାନେ ଅପରାଧର ଶିକାର ହୁଅନ୍ତି ବା ଅପରାଧ ମଧ୍ୟ କରନ୍ତି । ଭାରତରେ ଏହି ଚାପ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ସରଳ ଭାଷାରେ କହିବାକୁ ଗଲେ, ସାମାଜିକ ଗଣମାଧ୍ୟମ ଏକ ନିରନ୍ତର ତୁଳନାତ୍ମକ ଅଭ୍ୟାସରେ ପରିଣତ ହୋଇଛି, ଯେଉଁଠାରେ ଯୁବ ମସ୍ତିଷ୍କକୁ ସମ୍ପାଦିତ ଭ୍ରମ ସହିତ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପଡୁଛି ।

ସାମାଜିକ ଗଣମାଧ୍ୟମ ଓ ଆଲଗୋରିଦମ୍

ସାମାଜିକ ଗଣମାଧ୍ୟମ ଆଲଗୋରିଦମ୍ ହେଉଛି ଏକ ବ୍ୟବସ୍ଥା ଯାହା ସ୍ଥିର କରେ କେଉଁ ପୋଷ୍ଟ, ଭିଡିଓ, କିମ୍ବା ରିଲ୍ ଆପଣଙ୍କ ସ୍କ୍ରିନରେ ଦେଖାଯିବ, କେଉଁ କ୍ରମରେ ଦେଖାଯିବ, କେତେ ଥର ନିର୍ଦ୍ଦିଷ୍ଟ ପ୍ରକାରର ବିଷୟବସ୍ତୁ ପ୍ରଦର୍ଶିତ ହେବ । ଏହି ଆଲଗୋରିଦମ୍, ବ୍ୟବହାରକାରୀଙ୍କ ଆଚରଣକୁ ଅଧ୍ୟୟନ କରିଥାଏ, ଯେପରି

ଆପଣ କ'ଣ ପସନ୍ଦ କରନ୍ତି କିମ୍ବା ସେୟାର କରନ୍ତି, ଆପଣ କେତେ ସମୟ ପର୍ଯ୍ୟନ୍ତ ଏକ ଭିଡିଓ ଦେଖୁଛନ୍ତି, ଆପଣ କ'ଣ ଖୋଜୁଛନ୍ତି, କେଉଁ ପୋଷ୍ଟଗୁଡ଼ିକକୁ ଶୀଘ୍ର ସ୍କ୍ରୋଲ୍ କରୁଛନ୍ତି ଇତ୍ୟାଦି । ଏହି ସୂଚନା ଆଧାରରେ, ଏହା ଏପରି ବିଷୟବସ୍ତୁ ଦେଖାଇଥାଏ ଯାହା ଆପଣଙ୍କୁ ଅଧିକ ସମୟ ଧରି ବ୍ୟସ୍ତ ରଖିବାରେ ସଫଳ ହୋଇଥାଏ । ସାମାଜିକ ଗଣମାଧ୍ୟମ ଆଲଗୋରିଦମ୍ ଯୁବପିଢ଼ିଙ୍କୁ କିଛି ବାଧ୍ୟ କରେ ନାହିଁ, କିମ୍ବା ସିଧାସଳଖ କିଛି ନିର୍ଦ୍ଦେଶ ଦିଏ ନାହିଁ । ହେଲେ ତାହା ନୀରବରେ ପୃଷ୍ଠଭୂମିରେ କାମ କରେ । ଏହି କାରଣରୁ ସାମାଜିକ ଗଣମାଧ୍ୟମକୁ ଏକ ଅଦୃଶ୍ୟ ଶକ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ, ଯାହା ଯୁବପିଢ଼ିଙ୍କ ଚିନ୍ତାଧାରା, ଆବେଗ ଏବଂ ଆଚରଣକୁ ଆକାର ଦେଇଥାଏ । ସମୟ ସହିତ ଏହାର ଫଳସ୍ୱରୂପ ଯୁବକମାନେ ସଫଳତା ଏବଂ ବିଫଳତାକୁ କିପରି ଦେଖନ୍ତି, ନିଜକୁ ବିଚାର କିପରି କରନ୍ତି ଏବଂ ବିଶ୍ୱକୁ କିପରି ବୁଝନ୍ତି, ତାହାକୁ ପ୍ରଭାବିତ କରିଥାଏ । ସାମାଜିକ ଗଣମାଧ୍ୟମ ଏକ ଦର୍ପଣ ପରି- କିନ୍ତୁ ଆଲଗୋରିଦମ୍ ସ୍ଥିର କରେ ଯେ ଦର୍ପଣ, ଜୀବନର କେଉଁ ଅଂଶକୁ ଦର୍ଶାଏ । ଏହାକୁ ବୁଝିବା ଦ୍ୱାରା ଯୁବପିଢ଼ି ସଚେତନ, ଆତ୍ମବିଶ୍ୱାସୀ ଏବଂ ମାନସିକ ଭାବେ ସୁସ୍ଥ ରହିପାରିବେ ।

ଯୁବ ମସ୍ତିଷ୍କ ପ୍ରଭାବିତ

ସମ୍ଭବତଃ ସାମାଜିକ ଗଣାମଧ୍ୟମର ସବୁଠାରୁ କମ୍ ଆଲୋଚିତ କିନ୍ତୁ ସବୁଠାରୁ ଶକ୍ତିଶାଳୀ ଦିଗ ହେଉଛି ଆଲଗୋରିଦମିକ୍ ଗଭର୍ଣ୍ଣାନ୍ସ । ଯୁବ ବ୍ୟବହାରକାରୀମାନେ କେବଳ ସାମାଜିକ ଗଣମାଧ୍ୟମରେ ନିଜର ବିଷୟବସ୍ତୁ ଚୟନ କରନ୍ତି ନାହିଁ, ବରଂ ସାମାଜିକ ଗଣମାଧ୍ୟମର ବିଷୟବସ୍ତୁ ସେମାନଙ୍କୁ ଚୟନ କରିଥାନ୍ତି । ଏହା ଶୁଣି ଟିକିଏ ଆଶ୍ଚର୍ଯ୍ୟ ଲାଗୁଥିବ । ହେଲେ ଆପଣ ମଧ୍ୟ ଅନୁଭବ କରିଥିବେ ଯେ, ଯଦି ସାମାଜିକ ଗଣମାଧ୍ୟମରେ ଆପଣ ଥରେ କି ଦୁଇଥର ଖାଦ୍ୟ ବା ପୋଷାକ ପ୍ରତି ନିଜର ରୁଚି ଦେଖାନ୍ତି, ତେବେ ପରକୁ ପର ସେଇ ସବୁ ଜିନିଷ ଆପଣଙ୍କ ସାମ୍ନାକୁ ଆସି ଚାଲି ଥାଏ । ଏହା ସବୁ ସାମାଜିକ ଗଣମାଧ୍ୟମ ଆଲଗୋରିଦମ୍ ଦ୍ୱାରା ସମ୍ଭବ । କିଶୋରମାନଙ୍କ ପାଇଁ ବା ଯୁବବର୍ଗଙ୍କ ପାଇଁ, ସାମାଜିକ ଗଣମାଧ୍ୟମର ଏହି ଆଲଗୋରିଦମ୍ ଉଦ୍‌ବେଗ, କ୍ରୋଧ କିମ୍ବା ଆବେଗକୁ ତୀବ୍ର କରିପାରେ, ସେମାନଙ୍କୁ ଅବସାଦର ପ୍ରତିକ୍ରିୟା ଚକ୍ରରେ ଫସାଇପାରେ । ଏଠାରେ ସମସ୍ୟା ବ୍ୟକ୍ତିଗତ ଆତ୍ମ-ନିୟନ୍ତ୍ରଣ ନୁହେଁ, ବରଂ ଯୁବ ବ୍ୟବହାରକାରୀ ଏବଂ ବାଣିଜ୍ୟିକ ପ୍ରୋତ୍ସାହନ ଦ୍ୱାରା ପରିଚାଳିତ ଅପାରଦର୍ଶୀ ବୈଷୟିକ ବ୍ୟବସ୍ଥା ମଧ୍ୟରେ କ୍ଷମତାର ଅସମତା ।

ସୁରକ୍ଷା, ଗୋପନୀୟତା ଏବଂ ଡିଜିଟାଲ କ୍ଷତି

ସାମାଜିକ ଗଣମାଧ୍ୟମର ଆଲଗୋରିଦମ୍ ବ୍ୟତୀତ ବ୍ୟକ୍ତିଗତ ଏବଂ ସାର୍ବଜନୀନ ଜୀବନ ମଧ୍ୟରେ ଥିବା ସୀମାର ଅବକ୍ଷୟ ମଧ୍ୟ ଚିନ୍ତାଜନକ । ଅନେକ ଯୁବକ ଓ ଯୁବତୀ ଭବିଷ୍ୟତର ପରିଣାମକୁ ସମ୍ପୂର୍ଣ୍ଣ ଭାବେ ନ ବୁଝି, ନିଜର ବ୍ୟକ୍ତିଗତ ସୂଚନା ସାମାଜିକ ଗଣମାଧ୍ୟମରେ ବାଣ୍ଟିଥା'ନ୍ତି । ସେଇଥିରୁ ଉତ୍ପନ୍ନ ହୋଇଥାଏ ସମସ୍ୟା, ଯେପରି ଡିଜିଟାଲ ଆରେଷ୍ଟ, ସାଇବର ଧମକ, ଡିଜିଟାଲ ନିର୍ଯାତନା, ଅନ୍‌ଲାଇନ୍ ବ୍ଲାକମେଲିଂ ଏବଂ ଶୋଷଣର ମାମଲା । ଏହି ସମସ୍ୟା ଜନିତ ଅନେକ ଘଟଣା

ସାମ୍ନାକୁ ଆସୁଛି, ଯେଉଁଠି ସାମାଜିକ ଗଣମାଧ୍ୟମର ଶିକାର ହୋଇ କିଏ ପ୍ରାଣ ହରାଉଛି ତ କିଏ ଏଇ ସାମାଜିକ ଗଣମାଧ୍ୟମ ଜରିଆରେ ପଇସା ରୋଜଗାର କରିବା ନିମନ୍ତେ ଅନୈତିକ ପନ୍ଥାକୁ ଆପଣେଇ ନେଉଛି । କେତେବେଳେ କେଉଁଠି ଯୁବତୀଙ୍କର ଅଶ୍ଳୀଳ ଫଟୋ ଭାଇରାଲ୍ ହେଉଛି ତ କେତେବେଳେ କେଉଁ ଯୁବକ ସାଇବର୍ ଅପରାଧରେ ଜେଲ୍ ଯାଉଛନ୍ତି । କେତେବେଳେ କେଉଁଠି ଡିପ୍ ଫେକ୍ ମାମଲା ରୁଜୁ ହେଲାଣି ତ କେଉଁଠି ସାମାଜିକ ଇଂଜିନିୟରମାନେ ଆକ୍ରମଣ କରିଲେଣି ।

ଏକ ସୁସ୍ଥ ସାମାଜିକ ଗଣମାଧ୍ୟମର ନୀଳନକ୍ସା

ଭାରତୀୟ ଯୁବକମାନଙ୍କ ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ ସମ୍ପୂର୍ଣ୍ଣ ଭାବେ ଲାଭଦାୟକ ବା ସମ୍ପୂର୍ଣ୍ଣ ଭାବେ କ୍ଷତିକାରକ, ତାହା ନୁହେଁ । ଏହା ଏକ ଜଟିଳ ପରିସଂସ୍ଥା, ଯାହା ଜ୍ଞାନ ଏବଂ ସମ୍ପ୍ରଦାୟର ପ୍ରବେଶକୁ ବିସ୍ତାର କରେ ଏବଂ ଜ୍ଞାନାତ୍ମକ ଅଭ୍ୟାସ ଓ ସାମାଜିକ ଆଶାକୁ ରୂପ ଦିଏ । ବିଶ୍ୱର ସର୍ବବୃହତ୍ ଯୁବ ଜନସଂଖ୍ୟା ଥିବା ଦେଶ, ଭାରତରେ, ଏହାର ପରିଣାମ ଅସାଧାରଣ ଭାବେ ଅଧିକ । ଏହି ସମସ୍ୟାର ସମାଧାନ ନିମନ୍ତେ ଲୋଡ଼ା: -

- ବିଦ୍ୟାଳୟ ପାଠ୍ୟକ୍ରମରେ ଡିଜିଟାଲ୍ ଏବଂ ଭାବନାତ୍ମକ ସାକ୍ଷରତାକୁ ଏକୀକୃତ କରିବା, ଯେଉଁଥିରେ ଆଲଗୋରିଦମ୍, ଅନଲାଇନ୍ ସୁରକ୍ଷା ଏବଂ ସୁସ୍ଥ ଧ୍ୟାନ ଅଭ୍ୟାସ ବିଷୟରେ ସଚେତନତା ଅନ୍ତର୍ଭୁକ୍ତ
- ତାଲିମପ୍ରାପ୍ତ ପରାମର୍ଶଦାତା, ନିୟମିତ ସ୍କ୍ରିନିଂ ଏବଂ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ସହିତ ବିଦ୍ୟାଳୟ ଭିତ୍ତିକ ମାନସିକ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା
- ପିତାମାତାଙ୍କ ଭୂମିକାକୁ ଉତ୍ସାହିତ କରିବା
- ଯୁବ-କୈନ୍ଦ୍ରିକ ନିୟନ୍ତ୍ରଣ ସୁନିଶ୍ଚିତ କରିବା, ନିଶା ପ୍ରବଣ ଢାଞ୍ଚା ଏବଂ ଆଲଗୋରିଦମ୍ ସ୍ୱଚ୍ଛତାକୁ ସମାଧାନ କରିବା
- ଯତ୍ନର ନିରନ୍ତରତା ପାଇଁ ଟେଲି-ମାନସ ଏବଂ ଯୁବ ହେଲ୍‌ପଲାଇନ୍ ଭଳି ଜାତୀୟ ମାନସିକ-ସ୍ୱାସ୍ଥ୍ୟ ପଦକ୍ଷେପ ସହିତ ଶିକ୍ଷା ବ୍ୟବସ୍ଥାକୁ ସମନ୍ୱିତ କରିବା ।

ଏହି ପରିବର୍ତ୍ତନ ଭାରତର ଯୁବକମାନଙ୍କୁ ସଶକ୍ତ କରିବ ଓ ଶିକ୍ଷା, ନିୟନ୍ତ୍ରଣ, ନୈତିକତା ଏବଂ ଯତ୍ନ ସହିତ ସାମାଜିକ ଗଣମାଧ୍ୟମର ବ୍ୟବହାରକୁ ପ୍ରୋତ୍ସାହନ ଦେବ, ଯେଉଁଠି ବଦଳୁଥିବା ପ୍ରଯୁକ୍ତିବିଦ୍ୟା ଚିନ୍ତା ବା ସମସ୍ୟାର କାରଣ ନ ହୋଇ, ସମାଧାନ ଓ ନୂତନ ଚିନ୍ତନର ମାଧ୍ୟମ ହୋଇପାରିବ । ■

ଗବେଷିକା, ରାଉରକେଲା
ମୋ: ୬୩୭୦୯୦୫୯୪୭



ସାମାଜିକ ଗଣମାଧ୍ୟମ ଓ ନାରୀ

ସୁଯୋଗ ଓ ଆହ୍ୱାନ

ଡ. ଉଷାରାଣୀ ଦାଶ

ଭାରତୀୟ ସମାଜରେ ପରମ୍ପରା, ସଂସ୍କାର ଓ ନୀତି ନାରୀଙ୍କ ସ୍ଥାନକୁ ସଦାସର୍ବଦା ବିଭିନ୍ନ ମାପଦଣ୍ଡରେ ନିର୍ଦ୍ଧାରଣ କରିଆସିଛି । ଏକପକ୍ଷରେ ପରିବାର, ଦାୟିତ୍ୱ, ମର୍ଯ୍ୟାଦା, ଅନ୍ୟପକ୍ଷରେ ସମାନତା, ଅଧିକାର ଓ ଆତ୍ମପରିଚୟର ସନ୍ଧାନ । ଏହି ଦୁଇପକ୍ଷ ମଧ୍ୟରେ ସେତୁଟିଏ ଗଢ଼ି ଦେଇଛି ସାମାଜିକ ଗଣମାଧ୍ୟମ । ଏହା ଆମର ଭାବନା, ଚିନ୍ତାଧାରା, ସମ୍ପର୍କ ଓ ସମାଜ ଦୃଷ୍ଟିକୋଣକୁ ଆମୂଳଚୂଳ ପରିବର୍ତ୍ତନ କରିଦେଇଛି । ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ଏକ୍ସ (ପୂର୍ବତନ ଟ୍ୱିଟର), ହ୍ୱାଟସ୍‌ଆପ, ୟୁଟ୍ୟୁବ୍ ପରି ମାଧ୍ୟମଗୁଡ଼ିକ ମାନବ ଜୀବନର ଅଭିନ୍ନ ଅଂଶ ହୋଇଯାଇଛି । ଏହା ମାନବ ସମ୍ପର୍କ, ଶିକ୍ଷା, ବ୍ୟବସାୟ ଓ ଚିନ୍ତାଧାରାକୁ ଏକ ନୂଆ ଦିଗ ଦେଇଛି । ଏହି ପରିବର୍ତ୍ତନରେ ନାରୀମାନଙ୍କ ଜୀବନ ଉପରେ ସାମାଜିକ ଗଣମାଧ୍ୟମର ପ୍ରଭାବ ସବୁଠାରୁ ଅଧିକ ଗମ୍ଭୀର ଓ ବହୁମୁଖୀ । ସାମାଜିକ ଗଣମାଧ୍ୟମ ନାରୀମାନଙ୍କ ପାଇଁ କେବଳ ସଂଯୋଗର ମଞ୍ଚ ନୁହେଁ; ଏହା ସ୍ୱର, ପ୍ରତିବାଦ, ସୃଜନଶୀଳତା, ବ୍ୟବସାୟ, ଶିକ୍ଷା ଓ ଅଧିକାର ଆଦିର ଏକ ଶକ୍ତିଶାଳୀ ମଞ୍ଚ । ମାତ୍ର ନାରୀମାନଙ୍କ ଜୀବନରେ ଏହା ଏକ ନୂତନ ଆଶା ସହ ଏକ ନୂତନ ଆଶଙ୍କା ନେଇ ଆସିଛି । ଏହା ଏକପକ୍ଷରେ ନାରୀ ସଶକ୍ତିକରଣର ଶକ୍ତିଶାଳୀ ମଞ୍ଚ ହୋଇଥିବା ବେଳେ, ଅନ୍ୟପକ୍ଷରେ ଯୁଗଯୁଗ ଧରି ରହି ଆସିଥିବା ସାଂସ୍କୃତିକ ମୂଲ୍ୟକୁ ଅବକ୍ଷୟ କରୁଛି ଏବଂ ନାରୀମାନଙ୍କ ପାଇଁ ସାଇବର୍ ଶୋଷଣ, ଉତ୍ପୀଡ଼ନ ଓ ମାନସିକ ଚାପର ଏକ ଭୟାବହ ମାଧ୍ୟମ ହୋଇପଡ଼ିଛି ।

ନାରୀ ସଶକ୍ତିକରଣର ନୂତନ ଦିଗନ୍ତ

ଆଜିର ଡିଜିଟାଲ୍ ଯୁଗରେ ସାମାଜିକ ଗଣମାଧ୍ୟମ ମହିଳାମାନଙ୍କ ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ଉଭା ହୋଇଛି, ଯାହା ସେମାନଙ୍କୁ ସାମାଜିକ, ଆର୍ଥିକ, ଶିକ୍ଷାତ୍ମକ ଓ ମାନସିକ ଭାବେ ସଶକ୍ତ କରୁଛି । ଏକଦା ନାରୀମାନଙ୍କ ସ୍ୱର ଘରର ଚାରି କାନ୍ଥ ଭିତରେ ସୀମିତ ଥିଲା । ସେମାନେ ପାରିବାରିକ ଓ ସାମାଜିକ ଚାପରେ ନିଜର ଅଭିମତ ପ୍ରକାଶ କରିପାରୁନଥିଲେ । କିନ୍ତୁ ଆଜି ସାମାଜିକ ଗଣମାଧ୍ୟମ ସେହି ନିରବତାକୁ ଭାଙ୍ଗି ନିର୍ଭୀକତା ଆଡ଼କୁ ନେଇଯାଇଛି । ଏହା ନାରୀମାନଙ୍କ ପାଇଁ ସାଜିଛି ସ୍ୱରର ମଞ୍ଚ, ଯେଉଁଠାରେ ଯୁଗଯୁଗରୁ ନିରବତାକୁ ସାଥୀ କରି ଅନ୍ୟାୟ ଅତ୍ୟାଚାରକୁ ସହି ଲୁହପିଇ ଜୀବନ ଜୀଉଁଥିବା ନାରୀମାନେ ପ୍ରତିବାଦର ସ୍ୱର ପହଞ୍ଚାଇପାରୁଛନ୍ତି । ନିଜ ଅନୁଭବ, ସଫଳତା ଓ ସ୍ୱପ୍ନକୁ ସାର୍ବଜନୀନ ମଞ୍ଚରେ ରଖିପାରୁଛନ୍ତି । 'ମି ଟୁ' ଆନ୍ଦୋଳନ ଭାରତରେ ଯେପରି ପ୍ରଚଣ୍ଡ ରୂପ ଧାରଣ କରିଥିଲା, ତାହାର ପ୍ରମୁଖ କାରଣ ଏହି ମଞ୍ଚ, ଯାହା ନାରୀଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ସମ୍ବନ୍ଧୀୟ ନୀରବତାକୁ ସାମୂହିକ ପ୍ରତିବାଦରେ ପରିଣତ କରିଥିଲା । ଏହାପରେ ନାରୀମାନେ ଏହି ମଞ୍ଚ ମାଧ୍ୟମରେ ସହଜରେ ଉତ୍ପୀଡ଼ନ, କାର୍ଯ୍ୟକ୍ଷେତ୍ରର ଅନ୍ୟାୟ ବା ଭେଦଭାବ ଓ ଘରୋଇ ହିଂସା ଆଦିକୁ ପ୍ରକାଶ କରୁଛନ୍ତି । ଏହା ନାରୀମାନଙ୍କୁ ଶୁଣାଯିବାର ଅଧିକାର ଦେଇଛି ।

ସାମାଜିକ ଗଣମାଧ୍ୟମ ଦ୍ୱାରା ଆଜି ଶିକ୍ଷା, ଜ୍ଞାନକୌଶଳ ଓ ଦକ୍ଷତା ଲାଭ ନାରୀମାନଙ୍କ ହାତ ପାହାନ୍ତାରେ । ୟୁଟ୍ୟୁବ୍, ଇନ୍‌ଷ୍ଟାଗ୍ରାମ୍, ମୁକ୍ତ ଅନ୍‌ଲାଇନ୍ ପାଠ୍ୟକ୍ରମ (ଏମ୍‌ଓଓସି), ଫେସ୍‌ବୁକ୍ ଲାଇଭ୍ କ୍ଲାସ୍, ଟେଲିଗ୍ରାମ୍ ଗ୍ରୁପ୍, ଅନ୍‌ଲାଇନ୍ କ୍ଲାସ୍, ୱେବିନାର୍, ମୋଟିଭେସନାଲ୍ ଭିଡିଓ ଆଦି ନାରୀମାନଙ୍କୁ ଘରେ ବସି କୋଡିଂ, ଡିଜିଟାଲ୍ ସାକ୍ଷରତା, ସିଲେଇ, ରୋଷେଇ, କଳା ଏବଂ ହସ୍ତଶିଳ୍ପ ଓ ଅନଲାଇନ୍ ଶିକ୍ଷାଦାନ, ବ୍ୟୁଟିକ୍ ପାଠ୍ୟକ୍ରମ, ଦକ୍ଷତା ବିକାଶ ପାଠ୍ୟକ୍ରମ, ଇଂରାଜୀରେ କଥାବାର୍ତ୍ତା ପର୍ଯ୍ୟନ୍ତ ନୂତନ ଦକ୍ଷତା ଶିକ୍ଷା କରିବାର ଅବସର ଦେଇଛି ।

ଅମର୍ତ୍ତ୍ୟ ସେନ୍‌ଙ୍କ ମତରେ 'ଆର୍ଥିକ ସ୍ୱାଧୀନତା ହେଉଛି ନାରୀ ସ୍ୱାଧୀନତାର ପ୍ରଥମ ପାହାଚ' । ବାସ୍ତବିକ, ଆର୍ଥିକ ସ୍ୱାବଲମ୍ବନ ହିଁ ନାରୀ ସଶକ୍ତିକରଣର ମୂଳ ଆଧାର, ଯାହାକୁ ସାମାଜିକ ଗଣମାଧ୍ୟମ ଏକ ନୂତନ ଦିଗ ପ୍ରଦାନ କରିଛି । ଏହା ନାରୀମାନଙ୍କ ପାଇଁ ରୋଜଗାର ଓ ଉଦ୍ୟୋଗୀକରଣର ନୂତନ ଦ୍ୱାର ଉନ୍ମୁକ୍ତ କରିଛି । 'ଘରୁ ବାହାରକୁ ଯାଇ ନୁହେଁ; ଘରେ ରହି ଭବିଷ୍ୟତ ଗଢ଼ିବା' ସ୍ୱପ୍ନ ଏହାଦ୍ୱାରା ସାକାର ହୋଇପାରିଛି । ନାରୀମାନେ ଆଜି ଇନ୍‌ଷ୍ଟାଗ୍ରାମ୍ ଓ ଫେସ୍‌ବୁକ୍‌ରେ ବୁଟିକ୍, ଘରେ ତିଆରି ଖାଦ୍ୟ, ଆଚାର, ପିଠା , ହର୍ବାଲ୍ ଉତ୍ପାଦ, ମେକଅପ୍ କଳାକାର, ମେହେନ୍ଦି କଳାକାର, ଡିଜିଟାଲ୍ କୋଚିଂ ବ୍ୟବସାୟ କରୁଛନ୍ତି । ସେହିପରି ହ୍ୱାଟ୍‌ସଆପ୍ ଓ ୟୁଟ୍ୟୁବ୍ ଦ୍ୱାରା ସ୍ୱୟଂ ସହାୟକ ଗୋଷ୍ଠୀ, ଜୈବିକ ଚାଷ, ହ୍ୟାଣ୍ଡଲୁମ୍ ଓ ଛୋଟ ବ୍ୟବସାୟ ଆଦି କରିପାରୁଛନ୍ତି । ନିଜର ସ୍ୱାମୀ, ପରିବାର, ସନ୍ତାନମାନଙ୍କୁ ସମୟ ଦେଇ ସେମାନେ ପରିବାରର ଅର୍ଥନୀତିରେ ଅଂଶଗ୍ରହଣ କରିପାରୁଛନ୍ତି ।

ସାମାଜିକ ଗଣମାଧ୍ୟମ ନାରୀମାନଙ୍କୁ ସଚେତନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି । ସ୍ୱାସ୍ଥ୍ୟ, ଶିକ୍ଷା, ନାରୀ ଅଧିକାର ଆଇନଗତ ଅଧିକାର, ମାତୃତ୍ୱ, ମାନସିକ ସ୍ୱାସ୍ଥ୍ୟ, ସରକାରୀ ଯୋଜନା ଭଳି ବିଷୟରେ ସୂଚନା ସେମାନେ ସହଜରେ ପାଇପାରୁଛନ୍ତି । ଏହା ନାରୀଙ୍କୁ ନିଜ ଅଧିକାର ବିଷୟରେ ସଚେତନ କରିବା ଓ ସମାଜ ସହ ସଂଯୋଗ କରିବା ସଙ୍ଗେସଙ୍ଗେ ନିଜ ଅଧିକାର ପାଇଁ ଲଢ଼ିବାର ସାହସ ଦେଉଛି ।

ସାମାଜିକ ଗଣମାଧ୍ୟମ ମହିଳାମାନଙ୍କୁ ନିଜ ପରିଚୟ ଗଢ଼ିବାର ସୁଯୋଗ ଦେଉଛି । ଅନେକ ମହିଳା ଆଜି ସାମାଜିକ ଗଣମାଧ୍ୟମ ପ୍ରଭାବକାରୀ, ସାମାଜିକ କର୍ମୀ, ଉଦ୍ୟୋଗପତି ଭାବେ ପରିଚିତ । ତାଙ୍କର ନେତୃତ୍ୱ ଗୁଣ ଅନ୍ୟ ମହିଳାମାନଙ୍କୁ ପ୍ରେରଣା ଦେଉଛି ।

ନାରୀମାନେ ଘରେ ବସି ନିଜ ପ୍ରତିଭା ପ୍ରଦର୍ଶନ ନିମିତ୍ତ ମଞ୍ଚ ପାଇପାରୁଛନ୍ତି । ନୃତ୍ୟ, ସଙ୍ଗୀତ, ଚିତ୍ରକଳା, ହସ୍ତଶିଳ୍ପ, ରାନ୍ଧଣା ଭଳି ସୃଜନଶୀଳ କଳାକୁ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ମହିଳାମାନେ ଦେଶ ଓ ବିଦେଶରେ ପରିଚିତ କରାଇପାରୁଛନ୍ତି । ଏହା ଓଡ଼ିଆ ସଂସ୍କୃତିର ପ୍ରଚାରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି ।

ସାମାଜିକ ଗଣମାଧ୍ୟମ ମହିଳାମାନଙ୍କ ପାଇଁ ଏକ ମାନସିକ ସମର୍ଥନ ଓ ଭାବନାତ୍ମକ ସହାୟକ ମଞ୍ଚର ମାଧ୍ୟମ ହୋଇଉଠିଛି । ସମାନ ସମସ୍ୟା ଭୋଗୁଥିବା ମହିଳାମାନେ ନିଜର ଅନୁଭବକୁ ନିଜ ନିଜ ମଧ୍ୟରେ ଆଦାନପ୍ରଦାନ କରିପାରୁଛନ୍ତି । ଏହା ତାଙ୍କୁ ଏକାକୀପଣଠାରୁ ଦୂରେଇ ରଖି ଆତ୍ମବିଶ୍ୱାସ ବଢ଼ାଇବାରେ ସାହାଯ୍ୟ କରୁଛି । ମାତୃତ୍ୱ ଚାପ, କାର୍ଯ୍ୟ, ପରିବାର ସମନ୍ୱୟ, ମାନସିକ ଅବସାଦ ଭଳି ବିଷୟରେ ମହିଳାମାନେ ଖୋଲାଖୋଲି ଭାବରେ ଆଲୋଚନା କରୁଛନ୍ତି । ଅନେକ ଅନ୍‌ଲାଇନ୍ ମହିଳା ସହାୟକ ଗୋଷ୍ଠୀ ଆଜି ଆତ୍ମହତ୍ୟା ପ୍ରବଣ ମହିଳାଙ୍କୁ ନୂଆ ଜୀବନ ଦିଗ ଦେଖାଉଛନ୍ତି ।

ନାରୀମାନଙ୍କ ପାଇଁ ଆହ୍ୱାନ

ସାମାଜିକ ଗଣମାଧ୍ୟମର ସକାରାତ୍ମକ ଦିଗ ସହିତ ନିହିତ ରହିଛି ଅନେକ ନକାରାତ୍ମକ ପ୍ରଭାବ, ଯାହା ନାରୀମାନଙ୍କ ପାଇଁ ଗୁରୁତର ସଙ୍କଟ ସୃଷ୍ଟି କରୁଛି । ସାମାଜିକ ଗଣମାଧ୍ୟମର ଦ୍ରୁତ ଫ୍ୟାସନ୍ ଓ ଗ୍ଲାମର ସଂସ୍କୃତି ପ୍ରତି ଗଭୀର ଆକର୍ଷଣ ପରମ୍ପରାବାଦୀ ନାରୀ ମୂଲ୍ୟକୁ ଅବମୂଲ୍ୟାୟିତ କରୁଛି । ସମ୍ମାନ, ସଦାଚାର, ପରିବାରିକ ଦାୟିତ୍ୱ, ମାନବିକତା ଓ ସହାନୁଭୂତି ଭଳି ମୂଲ୍ୟଗୁଡ଼ିକକୁ ଉଚ୍ଚାରଣ କରୁଥିବା ବିକାଶୋନ୍ମୁଖୀ ଭାରତୀୟ ସଂସ୍କୃତିକୁ 'ପ୍ରାଚୀନ ଚିନ୍ତାଧାରା ସମ୍ବଳିତ' ଭାବେ ପ୍ରଦର୍ଶିତ କରାଯାଉଛି । ଅନେକ ନାରୀ ଗ୍ଲାମର ସଂଚାଳିତ ସଂସ୍କୃତିକୁ ଆପଣାର କରି ଜୀବନର ଅର୍ଥ କେବଳ ନିଜକୁ ସୁସଜ୍ଜିତ ଭାବରେ ପ୍ରଦର୍ଶିତ କରିବା ବୋଲି ଭାବୁଛନ୍ତି । ଏହା ନାରୀ ସଂସ୍କୃତିର ମୂଳଦୁଆକୁ ପ୍ରଭାବିତ କରୁଛି । ନାରୀଙ୍କ ଶରୀରର ବାଣିଜ୍ୟକରଣ ସୋସିଆଲ୍ ମିଡିଆର ସବୁଠାରୁ ଗୁରୁତର ଅଭିଶାପ । ରିଲ୍ସ ଓ ଭିଡିଓରେ ଫ୍ୟାସନ୍ କଣ୍ଟେଣ୍ଟର ନାଁରେ ଦର୍ଶକ ସଂଖ୍ୟା ବଢ଼ାଇବା ପାଇଁ ନାରୀଙ୍କ ଶରୀରକୁ ଅନେକ ସମୟରେ ସାମଗ୍ରୀ ଭାବେ ପ୍ରଦର୍ଶିତ କରାଯାଉଛି । ଏହା ଭାରତୀୟ ସଂସ୍କୃତିର ମର୍ଯ୍ୟାଦା ଓ ସମ୍ମାନ ଧାରଣାକୁ ଚ୍ୟାଲେଞ୍ଜ କରୁଛି । ନାରୀମାନେ ପ୍ରଭାବକାରୀ ସଂସ୍କୃତିରେ ନିଜର ସ୍ଥିତିକୁ ଜାହିର କରିବା ପାଇଁ ପରିପୂର୍ଣ୍ଣ ଶରୀର, ବୋଲ୍ଡ ଲୁକ୍, ଫ୍ୟାଶନ୍ ଗ୍ଲାମରର ଚାପରେ ନିଜ ସ୍ୱାଭାବିକତାକୁ ହରାଇବାକୁ ଲାଗୁଛନ୍ତି ।

ଭାରତରେ ନାରୀମାନେ ସାଇବର୍ ଉତ୍ପୀଡ଼ନର ଅଧିକ ଶିକାର ହେଉଛନ୍ତି । ସାଇବର୍ ଧମକ, ଅନ୍‌ଲାଇନ୍ ଟ୍ରୋଲିଂ, ଅଶ୍ଳୀଳ ମନ୍ତବ୍ୟ, ଫଟୋ ରୂପାନ୍ତରିତ କରିବା, ନକଲି ଆକାଉଣ୍ଟ ଖୋଲିବା, ପିଛା କରିବା, ପ୍ରତିଶୋଧ ପାଇଁ ଅଶ୍ଳୀଳତା, ଅନ୍‌ଲାଇନ୍ ଠକେଇ, ବ୍ଲାକମେଲିଂ ଓ ହ୍ୟାକିଂ ଆଦି ଅପରାଧ ଦିନକୁ ଦିନ ବଢ଼ିଚାଲିଛି, ଯାହା ନାରୀଙ୍କ ମାନସିକ ସ୍ୱାସ୍ଥ୍ୟକୁ ଗଭୀର ଭାବରେ ଆଘାତ ଦେଉଛି । ଅନେକ ନାରୀ ଭୟ ଓ ଲଜ୍ଜାରେ ନିଜର ସାମାଜିକ ଗଣମାଧ୍ୟମ ପ୍ରୋଫାଇଲ୍‌କୁ ସାଧାରଣ ଲୋକଙ୍କୁ ଦୃଶ୍ୟମାନ ନ କରାଇ ନିଜ ମଧ୍ୟରେ ସୀମିତ କରିଦେଉଛନ୍ତି । ଆଉ କେତେକ ସାମାଜିକ ଗଣମାଧ୍ୟମରୁ ନିଜକୁ ଦୂରେଇ ନେଉଛନ୍ତି କିମ୍ବା ନିଜ ଅଭିଯୋଗକୁ ଦମନ କରିଦେଉଛନ୍ତି, ଯାହା ଅପରାଧୀଙ୍କୁ ଅଧିକ ସାହସ ଦେଉଛି । ଏହା ସାମାଜିକ ଗଣମାଧ୍ୟମର ଘୃଣ୍ୟ ବାସ୍ତବତା ଯାହା ନାରୀଙ୍କ ସଶକ୍ତିକରଣକୁ ଅବରୋଧ କରୁଛି । ସାଇବର ସୁରକ୍ଷା ବିନା ସୋସିଆଲ ମିଡ଼ିଆ, ନାରୀ ପାଇଁ ସ୍ୱାଧୀନତା ନୁହେଁ ବରଂ ଏକ ବନ୍ଧନ ସାଜିଛି ।

ସାମାଜିକ ଗଣମାଧ୍ୟମ ନାରୀମାନଙ୍କ ସମ୍ମୁଖରେ ଏକ 'ଅବାସ୍ତବ ପ୍ରକୃଷ୍ଟତା'ର ଛବି ଉପସ୍ଥାପନ କରୁଛି । ପ୍ରକୃଷ୍ଟ ଘର, ପ୍ରକୃଷ୍ଟ ମେକଅପ୍, ପ୍ରକୃଷ୍ଟ ଜୀବନଶୈଳୀ, ପ୍ରକୃଷ୍ଟ ଅଭିଭାବକ, ଫଟୋକୁ ଫିଲ୍‌ଟର୍ ଓ ଏଡିଟ୍ କରି ପ୍ରକୃଷ୍ଟ ଶରୀର, ପ୍ରକୃଷ୍ଟ ଜୀବନ ଆଦି ଅବାସ୍ତବ ପ୍ରକୃଷ୍ଟ ସଂସ୍କୃତି ପ୍ରତି ନାରୀମାନେ ଆକର୍ଷିତ ହୋଇ ନିଜକୁ ଅନ୍ୟମାନଙ୍କ ତୁଳନା କରୁଛନ୍ତି । ଏହି ତୁଳନା ଦ୍ୱାରା ନିଜ ଶରୀର ଓ ଚେହେରା ପ୍ରତି ଅସନ୍ତୁଷ୍ଟ ହେବା ସହିତ ଆତ୍ମବିଶ୍ୱାସ ହ୍ରାସହେଉଛି । ଅବସାଦ, ଆବେଗ ଓ ମାନସିକ ଚାପ ବଢୁଛି । ସୌନ୍ଦର୍ଯ୍ୟ ନୁହେଁ, ବୁଦ୍ଧି, କ୍ଷମତା ଓ ଦକ୍ଷତାକୁ ଗୁରୁତ୍ୱ ଦେବା ଦୃଷ୍ଟିଭଙ୍ଗୀ ସେମାନେ ହରାଉଛନ୍ତି । ମିଥ୍ୟା ଖବର ଓ ଭ୍ରାନ୍ତ ସୂଚନା ମଧ୍ୟ ଏକ ବଡ଼ ସମସ୍ୟା । ନାରୀ ସମ୍ବନ୍ଧୀୟ ଗୁଜବ, ଚରିତ୍ରହାନୀ ଓ ମିଥ୍ୟା ଭିଡିଓ ତାଙ୍କ ସାମାଜିକ ସମ୍ମାନକୁ ନଷ୍ଟ କରିଦେଉଛି । ସାମାଜିକ ଗଣମାଧ୍ୟମରେ ଗୋପନୀୟତାର ଅଭାବ ଅନ୍ୟ ଏକଦିଗ । ଅନେକ ମହିଳାଙ୍କ ଫଟୋ ଓ ବ୍ୟକ୍ତିଗତ ସୂଚନା ବିନା ଅନୁମତିରେ ଶେୟାର କରାଯାଉଛି । ମହିଳାଙ୍କ ନାମରେ ଛଦ୍ମ ଆକାଉଣ୍ଟ ଖୋଲି ଭୁଲ ତଥ୍ୟ ପ୍ରଚାର କରାଯାଉଛି , ଯାହା ସେମାନଙ୍କ ସମ୍ମାନକୁ କ୍ଷତି ପହଞ୍ଚାଉଛି ।

ଅନେକ ନାରୀ ନିଜର ସଉକ ପୂରଣ ପାଇଁ ରିଲ୍ସ କରିବା ସହିତ ଘଣ୍ଟାଘଣ୍ଟା ଧରି ସାମାଜିକ ଗଣମାଧ୍ୟମରେ ବ୍ୟସ୍ତ ରହି 'ଲାଇକ୍, କମେଣ୍ଟ୍, ଓ ଫଲୋ'ର ମାୟାଜାଲରେ ଛନ୍ଦି ହୋଇ ନିଜର ପରିବାର ଓ ପିଲାମାନଙ୍କୁ ସମୟ ଦେଉ ନାହାନ୍ତି, ଫଳରେ ପରିବାରରେ ମନୋମାଳିନ୍ୟ, ଏପରିକି ଛାଡ଼ପତ୍ର ପର୍ଯ୍ୟନ୍ତ କଥାଯାଉଛି, ପିଲାମାନେ ଅବହେଳିତ ହୋଇ ଅବାଟକୁ ଚାଲିଯାଉଛନ୍ତି ।

ନାରୀ ଆଜି ଏକ ନୂତନ ଦ୍ୱନ୍ଦ୍ୱର ସମ୍ମୁଖୀନ, ସାଂସ୍କୃତିକ ମୂଲ୍ୟର ସୁରକ୍ଷା ବନାମ ଡିଜିଟାଲ୍ ପରିଚୟ । ଏକପକ୍ଷରେ ପରମ୍ପରା, ପରିବାର, ମୂଲ୍ୟ ଏବଂ ଅନ୍ୟପକ୍ଷରେ ପରିଚୟ, ସ୍ୱାଧୀନତା, ଡିଜିଟାଲ୍ ଅଭିବ୍ୟକ୍ତି । ଭାରତୀୟ ନାରୀମାନେ ଆଜି ପ୍ରଗତିଶୀଳ, ସାମର୍ଥ୍ୟଯୁକ୍ତ ଓ ସଚେତନ । ସାମାଜିକ ଗଣମାଧ୍ୟମ ସେମାନଙ୍କ ସ୍ୱର, ସୃଜନଶୀଳତା, ଅର୍ଥନୀତିକ ସ୍ୱାଧୀନତା ଓ ପରିଚୟକୁ ଶକ୍ତି ଦେଇଛି । କିନ୍ତୁ ଏହା ସହିତ ଅନେକ ବିପଦ ଯଥା ଅତିରିକ୍ତ ଗ୍ଲାମର୍, ଶରୀର ବାଣିଜ୍ୟକରଣ ଓ ସାଂସ୍କୃତିକ ଅବକ୍ଷୟର ଆହ୍ୱାନ ମଧ୍ୟ ରହିଛି । ସମାଜ, ପରିବାର, ସରକାର ଓ ନିଜେ ନାରୀମାନେ ମିଳିତ ହୋଇ କାମ କଲେ ସାମାଜିକ ଗଣମାଧ୍ୟମ ସଶକ୍ତିକରଣର ମଞ୍ଚ ହେବ । ସାଂସ୍କୃତିକ କ୍ଷୟର କାରଣ ନୁହେଁ ବରଂ ପରମ୍ପରା ଓ ଆଧୁନିକତାର ସନ୍ତୁଳନ ରକ୍ଷାକରି ସଂସ୍କୃତିର ପ୍ରଚାରର ମାଧ୍ୟମ ହୋଇପାରିବ ।



ସଚେତନତା ହିଁ ସମ୍ଭାବନାମୟ ଭବିଷ୍ୟତ

ନାରୀମାନଙ୍କ ଡିଜିଟାଲ୍ ଭବିଷ୍ୟତକୁ ସଶକ୍ତ କରିବା ପାଇଁ ଡିଜିଟାଲ୍ ସୁରକ୍ଷା ଶିକ୍ଷା ପ୍ରଦାନ ସର୍ବପ୍ରଥମ ଆବଶ୍ୟକ । ଶିକ୍ଷାନୁଷ୍ଠାନ, ସ୍ୱୟଂସହାୟକ ଗୋଷ୍ଠୀ, ମହିଳାମଣ୍ଡଳ ସବୁଠାରେ ନାରୀମାନଙ୍କୁ ସାଇବର୍ ସୁରକ୍ଷା, ସୁରକ୍ଷିତ ବ୍ରାଉଜିଂ, ଠକେଇ ଚିହ୍ନଟ, ରିପୋର୍ଟ କରିବା କୌଶଳ ଆଦି ସାଇବର୍ ସଚେତନତା ବିଷୟରେ ଶିକ୍ଷା ଦେବା ଆବଶ୍ୟକ । ଏଥିସହିତ ସାଇବର୍ ଅପରାଧ ରୋକିବା ପାଇଁ କଠୋର ଆଇନ ପ୍ରଣୟନ କରିବା ସହିତ ଅଭିଯୋଗ ବ୍ୟବସ୍ଥା ଓ ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ । ଅପରାଧୀମାନଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ନ ହେଲେ ନାରୀଙ୍କ ସୁରକ୍ଷା ସମ୍ଭବ ନୁହେଁ । ନାରୀଙ୍କ ସୁରକ୍ଷା ନିଶ୍ଚିତ କରିବା ନିମିତ୍ତ ସରକାର, ସାମାଜିକ ଗଣମାଧ୍ୟମ କମ୍ପାନୀ ଓ ସମାଜର ସାମୂହିକ ଭାବରେ ଦାୟିତ୍ୱ ସମ୍ପାଦନ କରିବାକୁ ପଡ଼ିବ ।

ସାମାଜିକ ଗଣମାଧ୍ୟମ ନାରୀମାନଙ୍କ ପାଇଁ ଶକ୍ତି ଓ ଆହ୍ୱାନ ରୂପକ ଏକ ଦୁଇଧାରୁଆ ଖଣ୍ଡା । ଏକପକ୍ଷରେ ଏହା ସଶକ୍ତିକରଣର ସୁଯୋଗ ଦେଉଛି, ଅନ୍ୟପକ୍ଷରେ ନୂତନ ପ୍ରକାରର ଶୋଷଣକୁ ମଧ୍ୟ ଜନ୍ମ ଦେଉଛି । ସାମାଜିକ ଗଣମାଧ୍ୟମ ଯଦି ସଠିକ୍ ଭାବରେ ବ୍ୟବହୃତ ହୁଏ, ତେବେ ଏହା ନାରୀ ସଶକ୍ତିକରଣର ସବୁଠାରୁ ବଡ଼ ଅସ୍ତ୍ର ହୋଇପାରେ । କିନ୍ତୁ ଅସଚେତନତା ଓ ଅବ୍ୟବସ୍ଥା ନାରୀଙ୍କ ପାଇଁ ବିପଦକୁ ଆମନ୍ତ୍ରଣ କରେ । ସାମାଜିକ ଗଣମାଧ୍ୟମକୁ ନାରୀ ସଶକ୍ତିକରଣର ଶତ୍ରୁ ଭାବେ ନୁହେଁ, ବରଂ ଏକ ସମ୍ଭାବନାମୟ ଉପକରଣ ଭାବେ ଦେଖିବା ଆବଶ୍ୟକ । ସଠିକ୍ ନୀତି, ସଚେତନ ବ୍ୟବହାର, ସନ୍ତୁଳନ ଓ ସାମୂହିକ ଦାୟିତ୍ୱ ସହ ସାମାଜିକ ଗଣମାଧ୍ୟମ ମହିଳାମାନଙ୍କୁ ଆର୍ଥିକ ସ୍ୱାଧୀନତା, ସ୍ୱରର ସ୍ୱାଧୀନତା ଓ ସ୍ୱାଭିମାନର ଉଚ୍ଚତାକୁ ନେଇଯାଇପାରିବ । ■

ଏମ୍‌ସ, ଭୁବନେଶ୍ୱର
ମୋ: ୯୪୩୮ ୧୩୩୭୨୨

ଲାଇକ୍, ସେୟାର୍ ଓ ସବ୍‌ସ୍କ୍ରାଇବ୍

ନାଥ କପିଳେନ୍ଦ୍ରଦେବ

ଆମ ଅଲକ୍ଷ୍ୟରେ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଏକ ମାନସିକ ବ୍ୟାଧି ଇତିମଧ୍ୟରେ ଆମକୁ ଆକ୍ରାନ୍ତ କରିସାରିଲାଣି । ଏଥିରେ ଦେଶବିଦେଶର ପ୍ରମୁଖ ରାଜନୀତିଜ୍ଞ, ଧନୀ ବ୍ୟବସାୟୀମାନଙ୍କଠାରୁ ଆରମ୍ଭକରି ବିଦ୍ୟାଳୟରେ ପାଠ ପଢୁଥିବା କିଶୋର କିଶୋରୀମାନେ ମଧ୍ୟ ଆକ୍ରାନ୍ତ । ସମାଜର ତଥାକଥିତ ଜ୍ଞାନୀ, ବୁଦ୍ଧିଜୀବୀ, ସମ୍ଭ୍ରାନ୍ତଶ୍ରେଣୀ ଏଥିରେ ବେଶୀ ପ୍ରପୀଡ଼ିତ । 'ମୋତେ ପସନ୍ଦ କରନ୍ତୁ, ମୋ ଅନୁଗାମୀ ହୁଅନ୍ତୁ' କହି ସମସ୍ତେ ବ୍ୟାକୁଳିତ କଣ୍ଠରେ ସାଧାରଣ ଜନତାଙ୍କୁ ନିବେଦନ କରୁଛନ୍ତି । ସାମାଜିକ ଗଣମାଧ୍ୟମ ମାଧ୍ୟମରେ ନିଜକୁ ସ୍ୱତନ୍ତ୍ର ଦେଖେଇବା, ସମାଜରେ ନିଜର ଗୁରୁତ୍ୱ ପ୍ରଦର୍ଶନ କରାଇବା, ନିଜକୁ ଆଦୃତ କରାଇବା ନିଶାର ଏହା ପ୍ରତିଫଳନ । ସବୁଠାରୁ ଆଶ୍ଚର୍ଯ୍ୟଜନକ ପ୍ରସଙ୍ଗ ହେଲା, ବହୁ ସ୍ଥାନରେ ନିଜେ ସରକାର ଓ ସରକାରୀ କଳ ଏଥିରେ ଲିପ୍ତ । ଏଥିପାଇଁ ଉଚ୍ଚପଦସ୍ଥ ଅଧିକାରୀ ନିଜର ଅସ୍ତିତ୍ୱ ଭୁଲି ଅଧସ୍ତନମାନଙ୍କୁ ପ୍ରରୋଚିତ କରାଇବାରେ ପଛାଉ ନାହାନ୍ତି । ଏପରିକି ବହୁ ନେତୃସ୍ଥାନୀୟ ସମ୍ମାନସ୍ପଦ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ନିଜର ପସନ୍ଦ ସଂଖ୍ୟା (ଥମ୍ବନେଲ୍), ଅନୁଗାମୀ ସଂଖ୍ୟା (ଫଲୋୱର୍), ଗ୍ରହୀତା ସଂଖ୍ୟା (ସବ୍‌ସ୍କ୍ରାଇବର) ବଢ଼ାଇବାକୁ ଖୁବ ବ୍ୟାକୁଳ ।

ସରକାରଙ୍କ ବିଭିନ୍ନ ବିଭାଗ, ବିଭାଗୀୟ ଯୋଜନା ମଧ୍ୟ ଏହି ଅନୁଗାମୀ ସଂଖ୍ୟା ଓ ପସନ୍ଦ ସଂଖ୍ୟାକୁ ନେଇ ନିଜର ସଫଳତା ମାପୁଛନ୍ତି । ସମ୍ପ୍ରତି ଆମ ପ୍ରଧାନମନ୍ତ୍ରୀଙ୍କର ସାରା ବିଶ୍ୱରେ ଇନ୍‌ଷ୍ଟାଗ୍ରାମ୍, ଫେସ୍‌ବୁକ୍, ୟୁଟ୍ୟୁବ୍‌ରେ ଅନ୍ୟ ଦେଶମୁଖ୍ୟଙ୍କ ତୁଳନାରେ ସର୍ବାଧିକ ଅନୁଗାମୀ ଥିବାର ଦାବି କରାଯାଉଛି । ବିଶ୍ୱର ଅନ୍ୟ ରାଷ୍ଟ୍ରମୁଖ୍ୟଙ୍କଠାରୁ ଆମ ପ୍ରଧାନମନ୍ତ୍ରୀଙ୍କର ଅଧିକ ଅନୁଗାମୀ ଅର୍ଥାତ ସେ ବିଶ୍ୱର ସର୍ବାଧିକ ଲୋକପ୍ରିୟ ଓ ଅନ୍ୟତମ ଶକ୍ତିଶାଳୀ ନେତା ବୋଲି ସାଧାରଣରେ ପ୍ରତ୍ୟୟ ହେଉଛି । ପର୍ତ୍ତୁଗାଲର ନାମୀ ଫୁଟବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍‌ଡୋଙ୍କର ସ୍ଥାନ ପୃଥିବୀରେ ଏହି ଶ୍ରେଣୀରେ ସବୁଠୁ ଶୀର୍ଷରେ । ଭାରତରେ କ୍ରିକେଟ୍ ଖେଳାଳି ବିରାଟ କୋହଲି ହିଁ ସର୍ବାଧିକ ଜନପ୍ରିୟ, ତାଙ୍କର ୨୭ କୋଟିରୁ ଅଧିକ ଅନୁଗାମୀ ଅଛନ୍ତି ବୋଲି ସାମାଜିକ ଗଣମାଧ୍ୟମ ପ୍ରମାଣିତ କରିଛି ।



ସୋସିଆଲ୍ ମିଡିଆରେ ଲୋକପ୍ରିୟ ବ୍ୟକ୍ତି

ଆଞ୍ଚଳିକ ଭାଷାରେ ୟୁଟ୍ୟୁବ୍ ଚ୍ୟାନେଲ

ଓଡ଼ିଆ ସମେତ ଅନେକ ଆଞ୍ଚଳିକ ଭାଷାର ମନୋରଞ୍ଜନକାରୀ ୟୁଟ୍ୟୁବ୍ ଚ୍ୟାନେଲ ସବୁ ନିଜକୁ ପସନ୍ଦଯୋଗ୍ୟ କରାଇ ବା ଅନୁଗାମୀ ସଂଖ୍ୟା ବଢ଼ାଇ ବେଶ୍ ଦୁଇ ପଇସା ରୋଜଗାର କରୁଛନ୍ତି । କହିବା ବାହୁଲ୍ୟ, ଏମାନେ ସମସ୍ତେ ନିଜ ଚ୍ୟାନେଲରେ ପଞ୍ଜୀକୃତ ହେବାକୁ ପ୍ରତ୍ୟେକ ଅଧ୍ୟାୟରେ ଜନସାଧାରଣଙ୍କୁ ବିନୟଭରା ଅନୁରୋଧ କରିଥାନ୍ତି । ଆଉ ସାଧାରଣ ମୋବାଇଲ୍ ବ୍ୟବହାରକାରୀ ମଧ୍ୟ ଧୀରେ ଧୀରେ ଏଥିରେ ଆକୃଷ୍ଟ ହେଉଛନ୍ତି । କମ୍ ସଂଖ୍ୟକ ଥମ୍ବନେଲ୍ ଥିବା ଉତ୍କୃଷ୍ଟ ଉପାଦାନକୁ ଆମେ ନିକୃଷ୍ଟ ଭାବୁଛୁ ଓ ମାନସିକ ଯନ୍ତ୍ରଣାକୁ ଆମନ୍ତ୍ରଣ କରୁଛୁ । ପ୍ରତିଯୋଗିତା, ପରଶ୍ରୀକାତରତାକୁ ନିଜ ହୃଦୟରେ ପ୍ରଶ୍ରୟ ବି ଦେଉଛୁ ।

ରୋଜଗାର ଯୋଗାଉଛି ୟୁଟ୍ୟୁବ୍

ସବୁଠାରୁ ବଡ଼ କଥା, ଏହି ପସନ୍ଦ ବା ଅନୁଗାମୀ ସଂଖ୍ୟା ଅନୁସାରେ ସମ୍ପୃକ୍ତ ବ୍ୟକ୍ତି ବିଶେଷ ବା ଅନୁଷ୍ଠାନ ଗୁଗଲ୍ ଠାରୁ ଅର୍ଥ ପାଉଛନ୍ତି । ଏହାର ପରିମାଣ ଆପଣଙ୍କ ପସନ୍ଦ ଓ ଅନୁଗାମୀମାନଙ୍କ ସଂଖ୍ୟା ଉପରେ ନିର୍ଭର କରେ । ସେଥିପାଇଁ ଏବେ ପାରମ୍ପରିକ ଗଣମାଧ୍ୟମର ନାମୀ ଦାମୀ ବ୍ୟକ୍ତିତ୍ୱ ଏହା ପଛରେ ଦୌଡୁଛନ୍ତି । ଖ୍ୟାତନାମା ସାମ୍ବାଦିକ ରାଜଦୀପ ସରଦେଶାଇ, ରବିଶ କୁମାରଙ୍କ ପର୍ଯ୍ୟନ୍ତ ଯେଉଁମାନେ ଏକଦା ଟିଭି ପରଦାରେ ନିଜ ଉପସ୍ଥାପନାରେ ପ୍ରସିଦ୍ଧ ଥିଲେ, ସେମାନେ ସମସ୍ତେ ବର୍ତ୍ତମାନ ସାମାଜିକ ଗଣମାଧ୍ୟମରେ ଖୁବ୍ ସକ୍ରିୟ । ତଥ୍ୟ ଅନୁସାରେ ବର୍ଷିୟାନ ସାମ୍ବାଦିକ ରବିଶ କୁମାର ଏନ୍‌ଡିଟିଭି ଛାଡ଼ିଲା ପରେ ନିଜର ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରି ବାର୍ଷିକ ସେଥିରୁ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି । ତାଙ୍କର ଦେଢ଼ କୋଟି ପାଖାପାଖି ଅନୁଗାମୀ ଥିବାର ଜଣାଯାଏ । ଗୌରବ ଚୌଧୁରୀ, ଅଜୟ ନାଗର, ସନ୍ଦୀପ ମାହେଶ୍ୱରୀ ଆଦି ବହୁ ବ୍ୟକ୍ତିତ୍ୱ ସାମାଜିକ ଗଣମାଧ୍ୟମରେ ଭାରତରେ ବହୁଭାବରେ ପରିଚିତ । ଓଡ଼ିଆ ସାମ୍ବାଦିକତା ଜଗତର ମଧ୍ୟ ଅନେକ ସାମ୍ବାଦିକା ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହୁଛନ୍ତି । ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଛାଡ଼ି କୋରୋନା ସମୟରେ ସମ୍ବଲପୁରର ଦାଦନ ଫେରନ୍ତା ଶ୍ରମିକ ଇସାକ୍ ମୁଣ୍ଡାଙ୍କ କଥା ମନେ ପକାନ୍ତୁ । ୟୁଟ୍ୟୁବ୍ ମାଧ୍ୟମରେ ନିଜ ପଖାଳ କଂସା ଓ ବ୍ୟଞ୍ଜନକୁ ନେଇ ସାରା ବିଶ୍ୱରୁ ପ୍ରଶଂସା ସାଉଁଟିଲା ପରେ ସେ ଲକ୍ଷାଧିକ ଟଙ୍କା ଉପାର୍ଜନ କରିବାସହ ପ୍ରଧାନମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରିପାରିଥିଲେ ।

ଅର୍ଥ, ସାମାଜିକ ପ୍ରତିପତ୍ତି ଓ ପ୍ରସିଦ୍ଧି ଆଣୁଥିବା "ମୋର ଅନୁଗାମୀ ହୁଅନ୍ତୁ, ମୋତେ ପସନ୍ଦ କରନ୍ତୁ"ର ସାମାଜିକ ଗଣମାଧ୍ୟମରେ ଅନୁରୋଧ ବହୁ ଧନୀ, ଜ୍ଞାନୀ ଓ ଅଭିମାନୀ ବ୍ୟକ୍ତିଙ୍କ ଅସଲ ବ୍ୟକ୍ତିତ୍ୱର ପରିଚାୟକ ଓ ଏହା ଅତ୍ୟନ୍ତ ଆମୋଦଦାୟକ!

ଏ/୨୦୪, ସିଟି ଏନ୍‌କ୍ଲେଭ୍
ଗାୟତ୍ରୀ ବିହାର, ସୁନ୍ଦରପଦା, ଭୁବନେଶ୍ୱର,
ମୋ : ୮୨୮୦୮୧୩୮୪୨

ଚର୍ଚ୍ଚିତ ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍‌ସର୍

ଆଜିର ସମୟରେ ସୋସିଆଲ ମିଡିଆ ଇନଫ୍ଲୁଏନ୍‌ସର୍ ତାରକାଙ୍କ ଭଳି ଲୋକପ୍ରିୟ। ସେମାନେ ମଧ୍ୟ ଲକ୍ଷାଧିକ ଟଙ୍କା ମାସକୁ ଆୟ କରିଥାନ୍ତି। ତେବେ କିଛି ଇନ୍‌ଫ୍ଲୁଏନ୍‌ସର୍ ଏମିତି ଅଛନ୍ତି, ଯେଉଁମାନଙ୍କ ଚର୍ଚ୍ଚା ସବୁ ସମୟରେ ହୋଇଥାଏ। ତା'ସହ ସେମାନଙ୍କୁ ପ୍ରଶଂସକଙ୍କ ଖୁବ୍ ଭଲପାଇବା ବି ମିଳିଥାଏ। ସେଭଳି କେତେଜଣ ଚର୍ଚ୍ଚିତ ସୋସିଆଲ୍ ମିଡିଆ ଇନଫ୍ଲୁଏନ୍‌ସର୍‌ଙ୍କୁ ନେଇ ଏହି ବିଶେଷ ଉପସ୍ଥାପନା।

ମିଷ୍ଟର୍ ବିଷ୍ଟ

ଭାରତରେ ସବୁଠୁ ଲୋକପ୍ରିୟ ସୋସିଆଲ୍ ମିଡିଆ ଇନଫ୍ଲୁଏନ୍‌ସର୍ ହେଲେ ଜିମି ଡୋନାଲ୍ଡସନ୍। ସେ 'ମିଷ୍ଟର୍‌ବିଷ୍ଟ' ନାଁରେ ଲୋକପ୍ରିୟ। ୨୦୨୫ରେ ସବୁଠୁ ଲୋକପ୍ରିୟ ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍‌ସର୍‌ଙ୍କ ମଧ୍ୟରେ ମିଷ୍ଟର ବିଷ୍ଟ ସବୁଠାରୁ ଆଗରେ ଅଛନ୍ତି। ତାଙ୍କ ପାଖରେ ପ୍ରାୟ ୮,୩୫୦ କୋଟିର ସମ୍ପତ୍ତି ଅଛି। ସେ ମାତ୍ର ୧୨ ବର୍ଷ ବୟସରେ 'ମିଷ୍ଟର ବିଷ୍ଟ ୬୦୦୦' ନାଁରେ ୟୁଟ୍ୟୁବ୍ ଆରମ୍ଭ କରିଥିଲେ। କଲେଜ ପଢ଼ା ଛାଡ଼ି ସେ କଣ୍ଟେଣ୍ଟ କ୍ରିଏସନ୍‌ରେ କ୍ୟାରିୟର୍ ଗଢ଼ିଲେ। ଆଜି ତାଙ୍କର ମିଷ୍ଟର୍ ବିଷ୍ଟ, ବିଷ୍ଟ ରିଆକ୍ଟସ, ମିଷ୍ଟର୍ ବିଷ୍ଟ ଗେମିଂ ଏବଂ ମିଷ୍ଟର୍ ବିଷ୍ଟ ଫିଲାନଥ୍ରୋପି ଭଳି ୟୁଟ୍ୟୁବ୍ ଚ୍ୟାନେଲ ଅଛି। ଯାହାର ସମୁଦାୟ ସବ୍‌ସ୍କ୍ରାଇବର୍ ସଂଖ୍ୟା ୪୧୫ ନିୟୁତରୁ ଅଧିକ। ଭିଡିଓ ଗେମ୍ କମେଣ୍ଟ୍ରି ଏବଂ ରିଆକସନ୍ ଭିଡିଓ ସହିତ ତାଙ୍କର ଆରମ୍ଭ ହୋଇଥିଲା। ଏହା ପରେ ପୂରା ଶବ୍ଦକୋଷ ପଢ଼ିବା ଭଳି ଅଜବ ତଥା ଆକର୍ଷଣୀୟ ଭିଡିଓ ତିଆରି କରି ଲୋକପ୍ରିୟ ହେଲେ।

କ୍ୟାରି ମିନାଟି

ଭାରତର ଅନ୍ୟତମ ଲୋକପ୍ରିୟ ଇନ୍‌ଫ୍ଲୁଏନସ୍‌ରଙ୍କ ମଧ୍ୟରୁ ଅନ୍ୟତମ ହରିୟାଣାର କ୍ୟାରି ମିନାଟି (ଅଜୟ ନାଗର) ଖୁବ୍ ଲୋକପ୍ରିୟ। ସେ ରୋଷ୍ଟିଂ ଭିଡିଓ ତିଆରି କରନ୍ତି। ଏହା ମାଧ୍ୟମରେ ସେ ଲକ୍ଷାଧିକ ଟଙ୍କା ଆୟ କରିଥାନ୍ତି। ପିଲାବେଳେ ତାଙ୍କର ପଢ଼ା ପ୍ରତି ବିଶେଷ ଆଗ୍ରହ ନ ଥିଲା। ସେ ଭିଡିଓ ଗେମ୍ ଏବଂ ଫୁଟବଲ ଉପରେ ଭିଡିଓ କରି ୟୁଟ୍ୟୁବ୍‌ରେ ଅପଲୋଡ୍ କରୁଥିଲେ। ସେ ୨୦୧୫ରେ ଏତେ ବେଶି ଲୋକପ୍ରିୟ ହେଲେ ଯେ, ଅଧାରୁ ପଢ଼ା ଛାଡ଼ିଲେ। ଏହାପରେ ୟୁଟ୍ୟୁବ୍ ଉପରେ ଧ୍ୟାନ କେନ୍ଦ୍ରିତ କଲେ। ମାସକୁ ସେ ୨୨ରୁ ୨୫ ଲକ୍ଷ ଟଙ୍କା ରୋଜଗାର କରନ୍ତି। ତାଙ୍କ ଚ୍ୟାନେଲ୍‌ରେ ୨୬.୬ ମିଲିୟନରୁ ଅଧିକ ସବ୍‌ସ୍କ୍ରାଇବର୍ ଅଛନ୍ତି।

ଭୁବନ ବାମ



ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍‌ସର୍ ତଥା ଅଭିନେତା ଭୁବନ ବାମ ଦେଶ ତଥା ଦେଶ ବାହାରେ ବି ପ୍ରସିଦ୍ଧ। ସେ ତାଙ୍କ ପରିଶ୍ରମ ବଳରେ ଆଜି ପ୍ରତିଷ୍ଠା ଲାଭ କରିଛନ୍ତି। ଗୁଜରାଟରେ ଜନ୍ମଗ୍ରହଣ କରିଥିବା ଭୁବନଙ୍କର ଗୀତ ଗାଇବା ପ୍ରତି ସଉକ ଥିଲା। ଦିଲ୍ଲୀର ଏକ ଛୋଟ କାଫେରେ ଗୀତ ଗାଇ ୫ ହଜାର ଟଙ୍କା ରୋଜଗାର କରୁଥିଲେ। ହେଲେ ଗୀତରେ ସଫଳତା ନ ମିଳିବାରୁ ନିଜର ପ୍ରତିଭା ସେ ୟୁଟ୍ୟୁବ୍‌ରେ ଦେଖାଇଲେ। ସେ କାଶ୍ମୀରର ଏକ ଭାଇରାଲ ଭିଡିଓର ଏକ ପ୍ୟାରୋଡି ତିଆରି କରି ୟୁଟ୍ୟୁବ୍‌ରେ ଅପଲୋଡ୍ କଲେ। ଭିଡିଓଟି ବହୁତ ଲୋକପ୍ରିୟ ହୋଇଥିଲା ଏବଂ ଭୁବନ ଜଣେ ପ୍ରସିଦ୍ଧ ୟୁଟ୍ୟୁବ୍‌ର ହୋଇଗଲେ।

ଟ୍ରିଗର୍ଡ ଇନ୍‌ସାନ୍

ଲୋକପ୍ରିୟ ୟୁଟ୍ୟୁବର ନିଶ୍ଚୟ ମଲହାନ 'ଟ୍ରିଗର୍ଡ ଇନ୍‌ସାନ୍' ଭାବେ ଲୋକପ୍ରିୟ। ଦିଲ୍ଲୀ ନିବାସୀ ମଲହାନ ୨୦୧୪ରେ 'ଟ୍ରିଗର୍ଡ ଇନ୍‌ସାନ୍' ନାଁରେ ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କଲେ। ତାଙ୍କର ୨୩.୧ ମିଲିୟନ ସବ୍‌ସ୍କ୍ରାଇବର୍ ଅଛନ୍ତି। ତାଙ୍କ ଭିଡିଓରେ ଗେମିଂ, ରିଆକ୍ସନ, ରୋଷ୍ଟ, ସାମାଜିକ ପ୍ରସଙ୍ଗ ଉପରେ କମେଣ୍ଟ୍ରି ଦେଖିବାକୁ ମିଳିଥାଏ। ଏମ୍‌ଏନ୍‌ସିରେ ଚାକିରି କରିବା ପରେ ଫୁଲ୍ ଟାଇମ୍ ୟୁଟ୍ୟୁବ୍‌କୁ ବାଛିଲେ। ତାଙ୍କର ଗୋଟିଏ ଭିଡିଓ ୮ ଲକ୍ଷ ଟଙ୍କା ଏବଂ ମାସକୁ ୨୫ ଲକ୍ଷ ଟଙ୍କାରୁ ଅଧିକ ଆୟ କରିଥାଏ।

ଆଶିଷ ଚଞ୍ଚଲାନି

ଦିଲ୍ଲୀରେ ରହୁଥିବା ଆଶିଷ ମଧ୍ୟ ଲୋକପ୍ରିୟ ସୋସିଆଲ ମିଡିଆ ଇନଫ୍ଲୁଏନସର। ସେ ଇଞ୍ଜିନିୟରିଂ ଛାତ୍ର ହୋଇଥିଲେ ହେଁ ତାଙ୍କର ସଉକ୍ କଣ୍ଟେଣ୍ଟ କ୍ରିଏନ୍‌ସନ୍‌ରେ ଥିଲା। ତେଣୁ ସେ ନିଜ ସାଙ୍ଗ ଓ ପରିବାର ସହିତ କମେଡି ଭିଡିଓ ତିଆରି ଆରମ୍ଭ କଲେ। ୨୦୦୯ ମସିହାରେ ପ୍ରଥମଥର ପାଇଁ ସେ ୟୁଟ୍ୟୁବର୍ ଭାବେ ନଜର ଆସିଲେ। ୨୦୧୪ରେ ଆଶିଷ ଚଞ୍ଚଲାନି ଭାଇନ୍‌ସ ଆରମ୍ଭ କରି ସଫଳତା ଲାଭ କଲେ। ଏହାପରେ ଛୋଟ ଛୋଟ କମେଡି ଭିଡିଓ ଅପଲୋଡ୍ କଲେ। ଏବେ ତାଙ୍କର ୩୦.୭ ମିଲିୟନରୁ ଅଧିକ ସବ୍‌ସ୍କ୍ରାଇବର୍ ଅଛନ୍ତି।

ଧ୍ରୁବ ରାଠି



ୟୁଟ୍ୟୁବର୍, ବ୍ଲଗର୍ ଏବଂ ସୋସିଆଲ୍ ମିଡିଆ ଇନଫ୍ଲୁଏନ୍‌ସର୍ ହେଲେ ଧ୍ରୁବ। ପ୍ରତିଟି ପ୍ରସଙ୍ଗ ଉପରେ ସେ ନିଜର ମତାମତ ରଖନ୍ତି। ତାଙ୍କର ଏହି ଖୋଲା ସ୍ୱଭାବକୁ ଲୋକେ ବେଶ୍ ପସନ୍ଦ କରିଥାନ୍ତି। ସେ ହରିଆଣାର ହୋଇଥିଲେ ହେଁ ଜର୍ମାନୀରେ ରହନ୍ତି। ୨୦୧୪ରେ ୟୁଟ୍ୟୁବ୍‌ରେ ନିଜର ଚ୍ୟାନେଲ୍ ଆରମ୍ଭ କରିଥିଲେ। ତାଙ୍କର ୟୁଟ୍ୟୁବ୍‌ରେ ୨୮ ମିଲିୟନ୍‌ରୁ ଅଧିକ ସବ୍‌ସ୍କ୍ରାଇବର୍ ଏବଂ ଇନ୍‌ଷ୍ଟାଗ୍ରାମ୍‌ରେ ୧୩ ମିଲିୟନ୍ ଫଲୋଅର୍ସ ଅଛନ୍ତି। ତାଙ୍କ ଲୋକପ୍ରିୟତାକୁ ଦେଖି ଟାଇମ୍‌ସ ମାଗାଜିନ ତାଙ୍କ ନାଁ ନେକ୍ସଟ୍ ଜେନନେରେସନ ଲିଡର୍ସ ତାଲିକାରେ ସାମିଲ କରିଥିଲା।

ଟେକ୍ନିକାଲ୍ ଗୁରୁଜୀ

ସୋସିଆଲ ମିଡିଆ ଇନଫ୍ଲୁଏନସର ଗୌରବ ଚୌଧୁରୀ 'ଟେକ୍ନିକାଲ୍ ଗୁରୁଜୀ' ନାଁରେ ଲୋକପ୍ରିୟ। ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲର ନାଁ 'ଟେକ୍ନିକାଲ୍ ଗୁରୁଜୀ।' ଏଥିରେ ସେ ହିନ୍ଦୀରେ ଟେକ୍ନୋଲୋଜି ବାବଦରେ କହିଥାନ୍ତି। ଅବଶ୍ୟ ସେ ଜଣେ ଟେକ୍ ବ୍ଲଗର୍, ନାନୋ ବିଜ୍ଞାନ ଗବେଷକ। ସେ ଦୁବାଇରେ ରହନ୍ତି। ତାଙ୍କ ସବ୍‌ସ୍କ୍ରାଇବର୍ ସଂଖ୍ୟା ୨୩.୭ ମିଲିୟନ। ୨୦୧୫ରେ ସେ ତାଙ୍କ ୟୁଟ୍ୟୁବ୍ ଚ୍ୟାନେଲ ଆରମ୍ଭ କରିଥିଲେ।

ଜନ୍ନତ ଜୁବୈର

ଜନ୍ନତ ଜଣେ ଲୋକପ୍ରିୟ ଅଭିନେତ୍ରୀ ଏବଂ ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍‌ସର୍। ବିଶେଷକରି ଟିନ୍ ଇନ୍‌ଫ୍ଲୁଏନ୍‌ସର୍ ଭାବେ ଚର୍ଚ୍ଚାରେ ଥାଆନ୍ତି। ୪୯.୯ ମିଲିୟନ୍ ଫଲୋର୍ସ ତାଙ୍କର ଅଛନ୍ତି। ସେ ତାଙ୍କ ଷ୍ଟାଇଲ୍ ଏବଂ ଲୁକ୍ ଲାଗି ଖୁବ୍ ଲୋକପ୍ରିୟ। ବିଶେଷ କରି ତାଙ୍କ ଫେଶନ୍‌କୁ ଯୁବପିଢ଼ିମାନେ ବେଶି ପସନ୍ଦ କରନ୍ତି।

ନାନ୍ସି ତ୍ୟାଗୀ

ନାନ୍ସି ତ୍ୟାଗୀ ତାଙ୍କ କୁକିଂ ଏବଂ ଲାଇଫଷ୍ଟାଇଲ୍ ଭିଡିଓ ଦ୍ୱାରା ଲୋକଙ୍କୁ ଉତ୍ସାହିତ କରିଥାନ୍ତି। ୨.୯ ମିଲିୟନ୍ ଫଲୋର୍ସ ତାଙ୍କର ଅଛନ୍ତି। ତେବେ ୨୧ ବର୍ଷ ବୟସରେ କାନ୍ସ ଫେଷ୍ଟିଭାଲ୍‌ରେ ସାମିଲ ହୋଇଥିବା ପ୍ରଥମ ଭାରତୀୟ ଫେଶନ ଇନ୍‌ଫ୍ଲୁଏନ୍‌ସର୍ ହେଲେ ନାନ୍ସି।

କୁଶା କପିଲା

ସାମାଜିକ ଗଣମାଧ୍ୟମରେ ଖୁବ୍ ଲୋକପ୍ରିୟ କୁଶା କପିଲା। ତାଙ୍କର ମଜାଳିଆ ଭିଡିଓକୁ ଲୋକେ ବେଶ୍ ପସନ୍ଦ କରନ୍ତି। ତା'ସହ ଫେଶନ୍ ଟିପ୍ସ ଲାଗି ବି ପରିଚିତ। ଏହି କାରଣ ଯୋଗୁଁ ତାଙ୍କୁ ଲୋକେ ଅଧିକ ଫଲୋ ସୋସିଆଲ୍ ମିଡିଆରେ କରନ୍ତି। ଯାହାକି ତାଙ୍କୁ ଲୋକପ୍ରିୟ ସୋସିଆଲ୍ ମିଡିଆ ଇନ୍‌ଫ୍ଲୁଏନ୍‌ସର୍ ଭାବେ ପରିଚିତ କରାଇଛି। ତାଙ୍କର ଫଲୋର୍ସଙ୍କ ସଂଖ୍ୟା ୩.୨ ମିଲିୟନରୁ ଅଧିକ।

ପ୍ରାଜକ୍ତା କୋଲି

ଲୋକପ୍ରିୟ ଅଭିନେତ୍ରୀ ତଥା ୟୁଟ୍ୟୁବର ହେଲେ ପ୍ରାଜକ୍ତା। ସେ ୟୁଟ୍ୟୁବ୍‌ରେ 'ମୋଷ୍ଟଲିସାନେ' ନାଁରେ ବେଶ୍ ଲୋକପ୍ରିୟ। ଲକ୍ଷାଧିକ ଫଲୋର୍ସ ତାଙ୍କର ଅଛନ୍ତି। ତେବେ ସେ ମଜାଦାର ତଥା ରିୟଲିଷ୍ଟିକ୍ କଣ୍ଟେଣ୍ଟ ପାଇଁ ପରିଚିତ।

ଅନ୍ୟପକ୍ଷରେ ଡଲି ସିଂହ, କୋମଲ ପାଣ୍ଡେ, ଆସନା ଶ୍ରଫ, ଅଙ୍କିତ ଅବସ୍ଥି, ହର୍ଷ ସାଇ, ପର୍ଲ ମାନେ ବି ଲୋକପ୍ରିୟ ଇନ୍‌ଫ୍ଲୁଏନ୍‌ସର୍ ଭାବେ ଚର୍ଚ୍ଚିତ।

ସୋସିଆଲ୍ ମିଡିଆ ଓ ଆଇନ

ଗଦାଧର ବଳ

ବର୍ତ୍ତମାନ ଯୋଗାଯୋଗ କ୍ଷେତ୍ରରେ ସାମାଜିକ ଗଣମାଧ୍ୟମ ବିଶ୍ୱରେ ଏକ ଅତ୍ୟାବଶ୍ୟକୀୟ ଯୋଗାଯୋଗର ମାଧ୍ୟମ ପାଲଟି ଯାଇଛି । ତେବେ ଏହାର ଅପବ୍ୟବହାର ଦ୍ୱାରା ଅନେକ ସମୟରେ ଭୟଙ୍କର ଅପରାଧିକ କାର୍ଯ୍ୟକଳାପର ସୂତ୍ରପାତ ହୋଇଛି । ଆମ ପଡ଼ୋଶୀ ଦେଶ ବାଂଲାଦେଶ, ଶ୍ରୀଲଙ୍କା କିମ୍ବା ନେପାଳରେ ନିକଟ ଅତୀତରେ ନୂତନ ପିଢ଼ିମାନଙ୍କ (ଜେନ୍-ଜି) ଦ୍ୱାରା ସଂଗଠିତ ଆନ୍ଦୋଳନ ପର୍ଯ୍ୟାପ୍ତ ପ୍ରସାରଣ ହିଁ ସାମାଜିକ ଗଣମାଧ୍ୟମ ସହାୟତାରେ ଉଗ୍ର ରୂପ ଧାରଣ କରିଥିଲା । ଏପରିକି ଆମ ଦେଶର ବିଗତ କିଛି ବର୍ଷ ହେବ ସରକାର ପରିବର୍ତ୍ତନ ହେବା, ପୁନଃ ନିର୍ବାଚିତ ହେବା, ନେତୃତ୍ୱ ପରିବର୍ତ୍ତନ ହେବା ଇତ୍ୟାଦି ପାଇଁ ଏଇ ସାମାଜିକ ଗଣମାଧ୍ୟମର ଭୂମିକା ସର୍ବାଗ୍ରେ । କିଛିଦିନ ତଳେ ଆମ ରାଜ୍ୟର କଟକ, ସମ୍ବଲପୁର, ଭଦ୍ରକ ପରି ପ୍ରମୁଖ ସହରରେ ସଂଖ୍ୟାଲଘୁ ଓ ସଂଖ୍ୟାଗରିଷ୍ଠ ସଂପ୍ରଦାୟ ମଧ୍ୟରେ ସଂଗଠିତ ସାମ୍ପ୍ରଦାୟିକ ଦଙ୍ଗା ଏହି ସାମାଜିକ ଗଣମାଧ୍ୟମର ଅପବ୍ୟବହାରର କରୁଣ ପରିଣତି । ମାନହାନି, ଚରିତ୍ର ଖନନ, ବ୍ୟକ୍ତିଗତ ଆକ୍ଷେପ ସୂଚକ ସାଇବର୍ ଅପରାଧ କ୍ରମଶଃ ବଢ଼ି ବଢ଼ି ଚାଲିଛି, ଯାହା ଅତ୍ୟନ୍ତ ଚିନ୍ତାଜନକ ବିଷୟ ।

ମାନହାନି ସୂଚକ ପୋଷ୍ଟ ପାଇଁ ଦଣ୍ଡବିଧାନ

ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନର ଧାରା ୬୬ ଅନୁଯାୟୀ କୌଣସି ଲୋକ ବେଆଇନ ଭାବରେ ସୋସିଆଲ୍ ମିଡିଆରେ କୌଣସି ବିଭ୍ରାନ୍ତିକର ବା ମାନହାନି ସୂଚକ ପୋଷ୍ଟ କଲେ, ଏଥିପାଇଁ ତାକୁ ସର୍ବାଧିକ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫ ଲକ୍ଷ ଟଙ୍କା ଜୋରିମାନାରେ ଦଣ୍ଡିତ କରାଯାଇ ପାରିବାର ବ୍ୟବସ୍ଥା ରହିଛି । ଚ୍ୟାପ୍ଟର୍ ୯ ଅନ୍ତର୍ଗତ ଧାରା ୪୩ ଅନୁଯାୟୀ ସୋସିଆଲ୍ ମିଡିଆର ପୋଷ୍ଟ ପାଇଁ ବ୍ୟବହୃତ କମ୍ପ୍ୟୁଟର୍ ସମ୍ପୃକ୍ତ ମାଲିକର ବିନା ଅନୁମତିରେ ଦେଖିଲେ ବା ଡାଟା ଡାଉନଲୋଡ୍ କଲେ, ଡାଟା ହେର୍‌ଫେର୍ କଲେ, କୌଣସି ଭାଇରସ୍‌କୁ ସେଥିରେ ପ୍ରବେଶ କରାଇଲେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥ ଜୋରିମାନା ଦଣ୍ଡରେ ଦଣ୍ଡିତ କରାଯାଇ ପାରିବ । ଧାରା ୬୬ ଅନୁଯାୟୀ କମ୍ପ୍ୟୁଟରର ଦସ୍ତାବିଜ୍‌କୁ ଲୁଚେଇଲେ, ତଥ୍ୟ ନଷ୍ଟ କରି ଦେଲେ କିମ୍ବା ଏଥିରେ ସହାୟତା କଲେ ସର୍ବାଧିକ ୭ ବର୍ଷ ସଶ୍ରମ କାରାଦଣ୍ଡ ସହ ୨ ଲକ୍ଷ ଟଙ୍କା ଜୋରିମାନା ଦଣ୍ଡର ବ୍ୟବସ୍ଥା ରହିଛି । ସେହିପରି ବାରମ୍ବାର ସେହି ସମାନ ଅପରାଧ କରି ଚାଲିଲେ ଧାରା ୬୬ (ଇ) ଅନୁଯାୟୀ ୬ ବର୍ଷ ଜେଲ ଦଣ୍ଡ ଓ ଜୋରିମାନା, ୬୬ (ସି) ଅନୁଯାୟୀ ତଥ୍ୟ ସଂରକ୍ଷିତ ରଖିବା କିମ୍ବା ଅପବ୍ୟବହାର ପାଇଁ ୩ ବର୍ଷ ଜେଲ ଦଣ୍ଡ ଓ ଜୋରିମାନା , ୬୬ (ଡି) ଅନୁଯାୟୀ ପ୍ରବଞ୍ଚନାମୂଳକ ବିଜ୍ଞାପନ ପ୍ରସାରଣ କରି ଗ୍ରାହକମାନଙ୍କୁ ଭ୍ରମିତ କଲେ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜୋରିମାନା ଦେବାର ଆଇନରେ ବ୍ୟବସ୍ଥା ରହିଛି ।

୨୦୧୨ ମସିହାରେ ମୁମ୍ବାଇରେ ଜନୈକ ରାଜ ନେତାଙ୍କର ମୃତ୍ୟୁକୁ ନେଇ ଫେସ୍‌ବୁକ୍‌ରେ ବିଭ୍ରାନ୍ତିକର ପୋଷ୍ଟିଂ ହୋଇଥିଲା ବୋଲି ଅଭିଯୋଗ ହୋଇଥିଲା । ଯାହାକୁ ନେଇ ଜୋରଦାର୍ ହମଲା ହେବା ପରେ ପୋଲିସ୍ ଦ୍ୱାରା ସେତେବେଳେ ସମଗ୍ର ସହରରେ କର୍ଫ୍ୟୁ ଜାରି କରାଯାଇଥିଲା । ଫଳରେ ଧନ ଜୀବନ ବିଶେଷ ଭାବରେ ପ୍ରଭାବିତ ହୋଇଥିଲା । ପରିଣାମ ସ୍ୱରୂପ ମୁମ୍ବାଇ ପୋଲିସ ଫେସ୍‌ବୁକ୍‌ରେ ପୋଷ୍ଟ କରିଥିବା ଅପରାଧରେ ୨ ଜଣ ମହିଳାଙ୍କ ବିରୁଦ୍ଧରେ ସୂଚନା ପ୍ରଯୁକ୍ତି ବିଦ୍ୟାର ଧାରା ୬୬ (କ) ଅନୁଯାୟୀ ଏକ ମାମଲା ରୁଜୁ କରିଥିଲା । ଯାହାକୁ ସେମାନେ ଦେଶର ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରି ଥିଲେ । ଆଉ ଏହାକୁ ବିଚାର କରି ମାନ୍ୟବର ସର୍ବୋଚ୍ଚ ଅଦାଲତ ଗତ ୨୦୧୫ ମସିହାରେ ଶ୍ରେୟା ସିଙ୍ଗଲ ବନାମ କେନ୍ଦ୍ର ସରକାର ମାମଲାର ସମ୍ବିଧାନ ପ୍ରଣୀତ ଏହି ଧାରା ବାକ୍ ସ୍ୱାଧୀନତାର ଉଲ୍ଲଂଘନ ବୋଲି ମତ ଦେବା ସହ ଏହାକୁ ବେଆଇନ ତଥା ଅସମ୍ବିଧାନିକ ଘୋଷଣା କରିଛନ୍ତି । ତେଣୁ ଏହି ଧାରା ଏବେ ଅକାର୍ଯ୍ୟକାରି ହୋଇ ପଡ଼ିଛି ।

ଫେସ୍‌ବୁକ୍‌ରେ ପ୍ରସାରିତ ଏକ ଅଶାଳୀନ, ବିଭ୍ରାନ୍ତିକର ତଥ୍ୟକୁ ନେଇ ସମଗ୍ର ବିଶ୍ୱରେ ନିଜର ସମ୍ମାନହାନି ହୋଇଥିବାର ଅଭିଯୋଗ କରି ୨୦୨୦ ମସିହାରେ ପ୍ରଖ୍ୟାତ ଯୋଗ ଗୁରୁ ବାବା ରାମଦେବ ଫେସ୍‌ବୁକ୍ ବିରୁଦ୍ଧରେ ଏକ ମାମଲା ରୁଜୁ କରିଥିଲେ । ପ୍ରସାରିତ ବିଭ୍ରାନ୍ତିକର ପୋଷ୍ଟ ଫେସ୍‌ବୁକ୍ ଓ ୟୁଟ୍ୟୁବ୍‌ରେ ହୋଇ ସେମାନେ ଦାୟୀ ଓ ତାଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସୁପ୍ରିମ୍ କୋର୍ଟରେ ସେ ଆବେଦନ କରି ଏକ ମାମଲା ରୁଜୁ କରିଥିଲେ । ଏହାକୁ ବିଚାର କରି ସର୍ବୋଚ୍ଚ ଅଦାଲତ ତୁରନ୍ତ ଏହି ସବୁ ପୋଷ୍ଟ ଗୁଡ଼ିକକୁ ଗୁଗୁଲ, ଫେସ୍‌ବୁକ୍ ଓ ୟୁଟ୍ୟୁବରୁ ହଟେଇବାକୁ ନିର୍ଦ୍ଦେଶ ଦେଇଥିଲେ ।

ଅପବ୍ୟବହାରକାରୀଙ୍କ ପାଇଁ ସର୍ତ୍ତକତା

ଫେସ୍‌ବୁକ, ଇନ୍‌ଷ୍ଟାଗ୍ରାମ୍, ୟୁଟ୍ୟୁବ୍ ବା ଅନ୍ୟ ସୋସିଆଲ୍ ମିଡିଆ ପ୍ଲାଟଫର୍ମ କିମ୍ବା ଇ-ମେଲ୍‌ରେ ଯଦି ଆପଣ ନିଜ ବିରୁଦ୍ଧରେ କେବେ କୌଣସି ମାନହାନି ସୂଚକ ପୋଷ୍ଟ ପାଆନ୍ତି, ତେବେ ତୁରନ୍ତ ଏହାର ଏକ ସ୍କ୍ରିନ୍ ସର୍ଟ ରଖି ନିଅନ୍ତୁ । ଯାହାକି ଭବିଷ୍ୟତରେ ଆଗତ କରିବାକୁ ଥିବା ମାମଲାର ଏହା ଏକ ଗୁରୁତ୍ୱପୂର୍ଣ୍ଣ ତଥା ପ୍ରମାଣଯୋଗ୍ୟ ଦସ୍ତାବିଜ । ସେହିପରି ଏହି ପୋଷ୍ଟକୁ ଆପଣ କ୍ଷତିକାରକ ଦସ୍ତାବିଜ ଭାବରେ ରିପୋର୍ଟ ମାଗି ପାରିବେ । ଯଦ୍ୱାରା ଏହାର ବହୁଳ ପ୍ରସାରଣ ଉପରେ ରୋକ ଲାଗି ପାରିବ କିମ୍ବା ଏହାକୁ ସଂପୂର୍ଣ୍ଣ ଉଚ୍ଛେଦ କରାଯାଇପାରିବ । ଏପରିକି ଏନେଇ ସମ୍ପୃକ୍ତ ଅପରାଧୀ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ପୋଲିସ ପାଖରେ ଲିଖିତ ଅଭିଯୋଗ କରି ପାରିବେ । ନଚେତ ନିଜର ସାମ୍ବିଧାନିକ ଅଧିକାର, ସମ୍ମାନହାନି ପାଇଁ ଆପଣ ନିଜର ଓକିଲଙ୍କ ପରାମର୍ଶ କରି ନିଜର ଅଧିକାର କ୍ଷୁଣ୍ଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ପାରିବେ । ■

ସୋସିଆଲ୍ ମିଡିଆର ଅପବ୍ୟବହାରକୁ ନେଇ ଆଇନ

ସୋସିଆଲ୍ ମିଡିଆ ଅପବ୍ୟବହାର ଅପରାଧିକ କାର୍ଯ୍ୟକଳାପ ଅନ୍ତର୍ଗତ ଅଟେ । ଏହା ଆଇନର ଉଲ୍ଲଂଘନ ଓ ସାଇବର୍ ଅପରାଧ ଶ୍ରେଣୀ ଭୁକ୍ତ । ଏ ନେଇ ଆମ ଦେଶରେ ଗତ ୨୦୦୨ ମସିହାରେ 'ଇନ୍-ଫରମେସନ୍ ଓ ଟେକ୍ନୋଲୋଜି ଆକ୍ଟ' ବା 'ସୂଚନା ପ୍ରଯୁକ୍ତି ଆଇନ' ପ୍ରଣୀତ ହୋଇ କାର୍ଯ୍ୟ କରୁଛି । ସେହିପରି ଗତବର୍ଷ ନୂଆ କରି ପ୍ରଣୀତ ଭାରତୀୟ ନ୍ୟାୟ ସଂହିତାର ଦଫା ୩୫୬ରେ ସୋସିଆଲ୍ ମିଡିଆରେ କୌଣସି ବ୍ୟକ୍ତି ଜାଣିଶୁଣି କାହାରି ବିରୁଦ୍ଧରେ ଅପମାନ ବା ମାନହାନି ସୂଚକ ପୋଷ୍ଟ କଲେ, ସେୟାର୍ କଲେ କିମ୍ବା ଅଶାଳୀନ କମେଣ୍ଟ ଦେଲେ, ଏଥିପାଇଁ ସର୍ବାଧିକ ୨ ବର୍ଷ ସଶ୍ରମ କାରାଦଣ୍ଡ ସହ ଜୋରିମାନା ଆଦାୟ ଦେବାର ବ୍ୟବସ୍ଥା ରହିଛି । ସେହିପରି ସେହି ଆଇନରେ ଥିବା ଚୋରି, ଠକେଇ, ଜାଲିଆତି, ମାନହାନି, ପ୍ରବଞ୍ଚନା ଆଦି ଦଫାରେ ସମ୍ପୃକ୍ତ ଅପରାଧୀମାନଙ୍କ ବିରୋଧରେ ସେହି ଆଇନର ଦଫା ୩୦୩, ୩୧୪, ୩୧୮ ଆଦିରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ।

ଆଇନଜୀବୀ , ପ୍ରଗତି ବିହାର, ଭଦ୍ରକ
ମୋ: ୯୪୩୭୨୨୮୮୪୧

ନୀତି ଅନୀତି ରାଜନୀତି

ଶ୍ରୀବିଦୁର

ପ୍ରଦୂଷଣ ଓ ଦୋଷା ଉପାଖ୍ୟାନ

କଳ କାରଖାନାରୁ ଆକାଶକୁ ଉଠୁଥିବା ମୋଟାମୋଟା ଧୂଆଁ ପରିବେଶକୁ ପ୍ରଦୂଷଣ କରୁନାହିଁ, ଇଟାଭାଟି ଚିମିନି ଧୂଆଁ ଯୋଗୁଁ ପ୍ରଦୂଷଣ ବଢୁନାହିଁ । ପ୍ରତିଦିନ ହଜାର ହଜାର ଗଛ କଟା ଯୋଗୁ ପରିବେଶର କ୍ଷତି ହେଉ ନାହିଁ; ମାତ୍ର ଆଉ ସତୁରୀ ଟଙ୍କା ଦେଇ ପିୟୁସିସି କାଗଜଖଣ୍ଡେ ବାହାର ନ କଲେ ପରିବେଶ ପୁରା ପ୍ରଦୂଷିତ ହୋଇ ଯାଉଛି । ପରିବହନ ବିଭାଗ ମନ୍ତ୍ରୀ ବିଭୁତିବାବୁ ଓ ତାଙ୍କ ଅଧିକାରୀଙ୍କୁ ଏ କଥା ବୁଝାଇବ କିଏ? ପ୍ରଦୂଷଣ ପ୍ରମାଣପତ୍ର ଲୋକ ଛଟପଟ ହେଉଛନ୍ତି, ପ୍ରତିବାଦ କଲେ ମନ୍ତ୍ରୀ ଦୋଷା କାହାଣୀ ଶୁଣାଉଛନ୍ତି । ଦେଢ଼ଶ ଟଙ୍କା ଦେଇ ଲୋକ ଦୋଷା ଖାଇ ଦେଉଛନ୍ତି, ମାତ୍ର ସତୁରୀ ଟଙ୍କା ଦେଇ ପ୍ରଦୂଷଣ ପ୍ରମାଣପତ୍ର କାଢୁ ନାହାନ୍ତି ବୋଲି ପାଲଟା ଯୁକ୍ତି କରୁଛନ୍ତି । ଯଦି ଲୋକ ଦେଢ଼ଶହ ଟଙ୍କା ଦେଇ ଦୋଷା ଖାଇ ପାରୁଛନ୍ତି, ତେବେ ତିନିକୋଟି ଲୋକଙ୍କୁ ସରକାର ମାଗଣା ଚାଉଳ ବାଣ୍ଟୁଛନ୍ତି କାହିଁକି ? ଟାର୍ଗେଟ ନାଁରେ ରାସ୍ତାଘାଟରେ ତାଙ୍କ ଲୋକମାନେ ଗୁଣ୍ଡାରାଜ ଚଳାଇଛନ୍ତି । ଇ-ଡ଼ିଟେକ୍ସନ ନାଁରେ ଟୋଲଗେଟ୍‌ଗୁଡ଼ିକରେ ଲୋକମାନଙ୍କୁ ଆର୍ଥିକ ନିର୍ଯାତନା ଦିଆଯାଉଛି । ଟ୍ରକ ଚାଳକକୁ ହେଲମେଟ ନ ପିନ୍ଧିଥିବା ପାଇଁ ଚାଲାଣ ଆସୁଛି, ବୈଧ ପ୍ରମାଣପତ୍ର ସତ୍ତ୍ୱେ ସାଧାରଣ ଲୋକ କାନମୁଣ୍ଡା ଆଉଁଷି ଚାଲାଣ ଭରୁଛି । ତାଙ୍କ ବିଭାଗର ଅପରିଣାମଦର୍ଶୀ ନୀତି ଯୋଗୁଁ ଜଣେ ସମ୍ଭାବନାମୟ ଯୁବ ସାମ୍ବାଦିକାଙ୍କ ଜୀବନ ଚାଲିଗଲା, ମାତ୍ର ବିଭୁତିବାବୁ ତାଙ୍କ ପୂର୍ବମନ୍ତ୍ରୀଙ୍କୁ ଦୋଷ ଦେଇ ନିଜକୁ ନିଷ୍କଳଙ୍କ ସାର୍ଟିଫିକେଟ ଦେଉଛନ୍ତି । ରୋମ ଜଳୁଥିବା ବେଳେ ସମ୍ରାଟ ନିରୋ ବଂଶୀ ବଜାଉଥିଲେ, ଆଉ ମନ୍ତ୍ରୀ ବିଭୁତି ଆମକୁ ଦୋଷା ଉପାଖ୍ୟାନ ଶୁଣାଉଛନ୍ତି । ଯା ଠାରୁ ଚରମ ବିଡ଼ମ୍ବନା ଆଉ କ'ଣ ଥାଇପାରେ? ■

ମିଟୁଭାଇଙ୍କ ଜାଇଫୁଲିଆ ନୃତ୍ୟ

ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ତାଙ୍କ ଜନ୍ମଦିନ ପରିବାର ସହ ପାଳିଛନ୍ତି । ତାଙ୍କର କିଛି ଅନୁଗତ ବିଭିନ୍ନ ସ୍ଥାନରେ କେକ୍ କାଟି ମୋହନଙ୍କ ଫଟୋକୁ କେକ୍ ଖୁଆଇଥିବା ଦୃଶ୍ୟ ଦେଖିବାକୁ ମିଳିଛି । ସେମିତି ରାଜ୍ୟର ଆହୁରି କିଛି ନେତା ମନ୍ତ୍ରୀ ତାଙ୍କର ଜନ୍ମ ଦିବସ ପାଳନ କରୁଥିବା ଫଟୋ ବିଭିନ୍ନ ସମୟରେ ଫେସବୁକ୍, ଟ୍ୱିଟର ଆଦିରେ ବି ଦିଶୁଛି । ମାତ୍ର ପୁନେଇଁରେ ସମୁଦ୍ର ଲହଡ଼ି ଭାଙ୍ଗିବା ପରି ମୋହନଙ୍କ ମନ୍ତ୍ରିମଣ୍ଡଳର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ଓରଫ ମିଟୁ ଭାଇଙ୍କ ୫୦ ତମ ଜୟନ୍ତୀ ଉତ୍ସବର ଭିଡ଼ିଓ ଏବେ ସାମାଜିକ ଗଣମାଧ୍ୟମରେ ଲହଡ଼ି ଭାଙ୍ଗୁଛି । ଏମିତିକି ମିଟୁ ସେନା ପକ୍ଷରୁ ପୋଲସରା ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳରେ ପାଳନ ହୋଇଥିବା ଗୋକୁଳାନନ୍ଦ ଜୟନ୍ତୀ ଅଦିନିଆ ଦଣ୍ଡଯାତ ପରି ପ୍ରତେ ହୋଇଛି । ଆଉ ଲୁଣାନାଠି ପଡ଼ିଆରେ ମିଟୁସେନା ପକ୍ଷରୁ ପାଳନ ହୋଇଥିବା ଗୋକୁଳ ଜୟନ୍ତୀ ଉତ୍ସବ ତ ଦଶହରା ଯାତକୁ ବଳି ଯାଇଛି । ଜିଲ୍ଲାର ମନ୍ତ୍ରୀ, ବିଧାୟକ, ଯନ୍ତ୍ରୀ, ଅଫିସରଙ୍କ ଶୁଭେଚ୍ଛା ପୁଷ୍ପରେ ଗୋକୁଳାନନ୍ଦ ତ ପୁରା ପୋତି ହୋଇ ପଡ଼ିଛନ୍ତି । ଆଉ ଜାଇଫୁଲ ଗୀତ ତାଳେତାଳେ ମନ୍ତ୍ରୀ ଗୋକୁଳାନନ୍ଦଙ୍କ ନୃତ୍ୟ; ସତରେ ଅଭୂଲା । ମାତ୍ର ବିଡ଼ମ୍ବନା ହେଉଛି ବାବୁ ଗୋକୁଳ ନିଜ ଜନ୍ମଦିନ ପୁରା ଫୁର୍ତ୍ତି ଆଉ ମସ୍ତିରେ ପାଳୁଥିବାବେଳେ ଏପଟେ ବିଚରା ତାଙ୍କ ବିଭାଗର କାମଧେନୁ ଯୋଜନା ହିତାଧିକାରୀ ମୁଣ୍ଡରେ ହାତ ଦେଇ ବସିଛନ୍ତି । ସରକାରୀ ସବସିଡ଼ି ଲୋଭରେ ଗୁଜରାଟ ଓ ଆନ୍ଧ୍ରରୁ ଗାଈ ସିନା କିଣି ଆଣିଲେ; ହେଲେ ସବସିଡ଼ି କାହିଁ ? ଜାଇଫୁଲ ନୃତ୍ୟରୁ ଫୁରସତ୍ ବାହାର କରି ଗୋକୁଳବାବୁ ଏ କଥା ଟିକେ ବୁଝିଲେ ହୁଅନ୍ତା ନାହିଁ ? ■

ଆପଣା ବସନ ଅନ୍ୟକୁ ଦେଇ..

ନିମାପଡ଼ାରେ ଭାଇନା ଓ ଅପାଙ୍କ ମଧ୍ୟରେ ଚାଲିଥିବା ଅବିରତ ଯୁଦ୍ଧର ପ୍ରଥମ ଅଙ୍କ ପରେ ଏବେ ଆରମ୍ଭ ହୋଇଛି ଦ୍ୱିତୀୟ ଅଙ୍କ । ଉଭୟ ପ୍ରତ୍ୟକ୍ଷ ଯୁଦ୍ଧରୁ ଓହରି ପରୋକ୍ଷ ଯୁଦ୍ଧରେ ଅବତୀର୍ଣ୍ଣ ହୋଇଛନ୍ତି । ଅପା ଓ ତାଙ୍କ ସମର୍ଥକମାନେ ଭାଇନା ଗୋଷ୍ଠୀର ଚେରକୁ ଟିକ୍‌ଟିକ୍ କରି କାଟିବାରେ ଲାଗି ପଡ଼ିଥିବାବେଳେ ଭାଇନାଙ୍କ ସମର୍ଥକମାନେ ଭିନ୍ନ ପନ୍ଥା ଆପଣେଇଛନ୍ତି । ଏହି ସମୟରେ ଭାଇନା ସମୀର ସାମାଜିକ ଗଣମାଧ୍ୟମରେ ଗୋଟେ ଜନଶୁଣାଣି କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଘୋଷଣା କରିଛନ୍ତି । ମାତ୍ର ଏହି ଘୋଷଣା ସମୟରେ ସେ ଯେଉଁ କଥାଟି କହିଛନ୍ତି, ତାହା ହିଁ ଗୁରୁତ୍ୱପୂର୍ଣ୍ଣ । ନିମାପଡ଼ାର ଚାଷୀମାନେ ମଣ୍ଡିରେ ଧାନ ବିକ୍ରି ବେଳେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଆବାସ ଯୋଜନା ପାଇବାରେ ସମସ୍ୟା ଭୋଗୁଛନ୍ତି, ଅଫିସରମାନେ ଲୋକଙ୍କ କାମ କରୁନାହାନ୍ତି ବୋଲି ଉଲ୍ଲେଖ କରି ସପ୍ତାହରେ ଦୁଇଦିନ ଲୋକଙ୍କ ଗୁହାରି ଶୁଣିବେ ବୋଲି ସମୀରବାବୁ କହିଛନ୍ତି । ମାତ୍ର ସେ ଏହି ଜନଶୁଣାଣି କରି କରିବେ କ'ଣ? ଲୋକଙ୍କ ଗୁହାରି କାହାକୁ ଜଣାଇବେ ? ନିମାପଡ଼ା ହେଉଛି ଖୋଦ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ବାଚନ ମଣ୍ଡଳୀ । ସେଠାରେ ଯଦି ଏହି ସମସ୍ୟା, ତେବେ ରାଜ୍ୟର ଅନ୍ୟ ଅଞ୍ଚଳର ଲୋକ କେଉଁପରି ସମସ୍ୟା ଭୋଗୁଥିବେ ତାହା ସହଜେ ଅନୁମେୟ । ତା ଛଡ଼ା ମ୍ୟାଡ଼ାମ୍ ଉପମୁଖ୍ୟମନ୍ତ୍ରୀ ଯେତେବେଳେ ନିଜ ଅଞ୍ଚଳରେ ଏହି ସମସ୍ୟା ସମାଧାନ କରିପାରୁ ନାହାନ୍ତି, ଭାଇନା ସମାଧାନ କରିବେ କେମିତି ? ତାଙ୍କ ଆଶୀର୍ବାଦରେ ପ୍ରଭାତୀ ମ୍ୟାଡ଼ାମ ଜିତିଥିଲେ ବୋଲି ନିଜେ ସମୀର ଅନେକ ବାର କହିଥିବା ଲୋକ ଶୁଣିଛନ୍ତି । ଏବେ ତାଙ୍କ କଥା ଲୋକେ ବିଶ୍ୱାସ କରିବେ ତ ? କଥାରେ ଅଛି ପରା- ଆପଣା ବସନ ଅନ୍ୟକୁ ଦେଇ, ଶିବ ପଳାଇଲେ ଲଙ୍ଗଳା ହୋଇ... । ■

ଘୁମର ଖୋଲିଦେଲେ ଉପାସନା

ବାବୁ ସୁରେଶ ପୂଜାରୀ ହେଉଛନ୍ତି ଆମ ରାଇଜର ରାଜସ୍ୱ ବିଭାଗର ମୁଖିଆ । ଲୋକେ କହନ୍ତି ସୁରେଶ ବାବୁଙ୍କ ହୃଦୟଟି କୁଆଁର ପୁନେଇ ଜହ୍ନ ପରି ନିର୍ମଳ, ହେଲେ ତାଙ୍କ ଜିଭ ଉପରେ ତାଙ୍କର ନିୟନ୍ତ୍ରଣ ନାହିଁ । ଆମେ ଶୁଣୁଥିବା ଏହି କଥା କେତେ ସତ ତାହା ଜଣା ନାହିଁ, ହେଲେ ସୁରେଶ ବାବୁଙ୍କ କଥା ଓ ତାଙ୍କ ବିଭାଗର କାମ ଭିତରେ ଯେ ଅନେକ ବ୍ୟବଧାନ ରହିଛି; ତାହା ଜଳଜଳ ଦିଶୁଛି । ସରକାର ଗଠନ ପୂର୍ବରୁ ତାଙ୍କ ନାମ କୁଆଡ଼େ ସମ୍ଭାବ୍ୟ ମୁଖ୍ୟମନ୍ତ୍ରୀ ସୂଚୀରେ ଥିଲା; କିନ୍ତୁ ହାତୀ ସୁନାକଳସ ଢ଼ାଳିଲା ମୋହନଙ୍କ ମୁଣ୍ଡରେ । ସେଇ ଦିନଠାରୁ କାଚ ଅଇନା ପରି ଭାଙ୍ଗି ଯାଇଥିବା ମନକୁ ସୁରେଶ ବାବୁ କ୍ୱିକ୍ ଫିକ୍ସ ଲଗାଇ ଯେତେ ଯୋଡ଼ିଲେ ବି ତାହା ଆଦୌ ଯୋଡ଼ି ହେଉନାହିଁ । ପରିଣତି ସ୍ୱରୂପ ବେଳେବେଳେ ସୁରେଶବାବୁ ଆତ୍ମବିଶ୍ୱାସର ସହ କହୁଥିବା କଥାଗୁଡ଼ାକ ପୁରା ମିଛ ହୋଇ ଯାଉଛି । ଦୁର୍ନୀତି ବିରୋଧରେ ରାଜସ୍ୱ ବିଭାଗ 'ଜିରୋ ଟଲରାନ୍ସ' ଆପଣାଉଛି ଓ ଦୁର୍ନୀତି ଖବର ମିଳିଲେ କଠୋରରୁ କଠୋରତମ ପଦକ୍ଷେପ ନିଆଯାଉଛି ବୋଲି ସୁରେଶ ବାବୁଙ୍କ କଥାକୁ ତାଙ୍କରି ଦଳର ଜଣେ ଯୁବ ନେତ୍ରୀ ମିଛ ବୋଲି ପ୍ରମାଣିତ କରି ଦେଇଛନ୍ତି । ସାଧାରଣ ଲୋକମାନଙ୍କ କାମକୁ ଗୁରୁତ୍ୱ ନ ଦେଇ ଦଲାଲରାଜର ପୃଷ୍ଠପୋଷକତା କରୁଥିବା ଜଣେ ତହସିଲଦାରଙ୍କୁ ବ୍ରହ୍ମଗିରିର ଯୁବ ବିଧାୟିକା ତଥା ଲୁଲୁ ତନୟା ଉପାସନା ଯେପରି ରୀତିମତ ଟିଉସନ କରିଛନ୍ତି, ତାହା ଦେଖି ଅନେକ ଲୋକଙ୍କ ଆଖି ଟେରା । ଖାଲି ଏହି ଗୋଟିଏ ତହସିଲ ନୁହେଁ, ଅନେକ ସ୍ଥାନରେ ସମାନ ସମସ୍ୟା । ଧର୍ମଶାଳାରେ ପାହାଡ଼ ପର୍ବତ ସବୁ ମୂଷା ଲୁଟି ନେଲାଣି । ବାଲି ଘାଟରୁ ଚୋରାରେ ଅସୁମାରୀ ବାଲି ବୁହା ହେଉଛି, ସୁରେଶ ବାବୁଙ୍କ ଜିରୋ ଟଲରାନ୍ସ ନୀତି କେଉଁଠି ଶୋଇ ପଡ଼ିଛି କି ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।